# କେନ୍ଦୁଆପଦାରେ ନାହିଁ ରେଲୱେ ଓଭରବ୍ରିଜ୍

**ବନ୍ତ, ୨୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦାଠାରେ ରେଲୱେ ଓଭରବ୍ରିଜ୍ ନ ଥିବାରୁ ବିପଦପୂର୍ଣ୍ଣ ଭାବେ ଯାନବାହନଗୁଡ଼ିକ ରେଲୱେ କ୍ରସିଂ ପାରି ହେଉଛନ୍ତି। ବନ୍ତ-ବାରିକପୁର ରାସ୍ତାର କେନ୍ଦୁଆପଦାଠାରେ ରେଲୱେ ଲେଭଲକ୍ରସିଂ ଥିବାବେଳେ ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଯାନବାହନ ଚଳାଚଳ କରିଥାଏ। ବିଶେଷ କରି ଏହି ରାସ୍ତା ଉପରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ସମେତ ପଡ଼ୋଶୀ କେନ୍ଦୁଝର ଜିଲାର ହାଟଡିହୀ ବ୍ଲକର ଲୋକେ ନିର୍ଭର କରିଥାନ୍ତି। ସେହିପରି ଉକ୍ତ ରାସ୍ତା ବାରିକପୁର ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲ ଓ କଲେଜକୁ ଯାଉଥିବା ବେଳେ ଗୁରୁତର ରୋଗୀ ଭଦ୍ରକ ଓ କଟକ ବଡ଼ ଡାକ୍ତରଖାନାକୁ ଯାଇଥାନ୍ତି। ସେହିପରି ସରକାରୀ କର୍ମଚାରୀ ଓ ଜରୁରୀ କାର୍ଯ୍ୟରେ ଯାଉଥିବା ବ୍ୟକ୍ତିମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହି ଷ୍ଟେଶନ ଦେଇ ପ୍ରତି ୧୦ ମିନିଟ୍ ମଧ୍ୟରେ ଟ୍ରେନ୍ ଯାତାୟାତ କରୁଛି। ଫଳରେ ବହୁ ସମୟ ଧରି ରେଳ ଫାଟକ ପଡ଼ି ରହୁଥିବାରୁ ସାଧାରଣ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜରୁରିକାଳୀନ ସ୍ଥିତିରେ ଆମ୍ବୁଲାନ୍ସ ଦୀର୍ଘ ସମୟ ଅଟକି ରହିଥାଏ। ବହୁ ସମୟରେ ଟ୍ରେନ ଆସିବା ବିଳମ୍ବ ଦେଖି ରେଳ ଫାଟକକୁ କିଛି ମୁହୂର୍ତ୍ତ ପାଇଁ ଉଠାଯାଉଥିବା ବେଳେ ଅଟକି ଥିବା ଯାନଗୁଡ଼ିକ ତରବରିଆ ଭାବେ ଫାଟକ ପାର ହେଉଥିବାର ଦେଖାଯାଉଛି।


କେନ୍ଦୁଆପଦା ରେଲୱେ ଷ୍ଟେଶନ।

■ବିପଦରେ ଜନଜୀବନ
■ମୁଣ୍ଡ ଟେକୁଛି ଆନ୍ଦୋଳନ

ଯେକୌଣସି ସମୟରେ ଜନଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଉକ୍ତ ସ୍ଥାନରେ ରେଲୱେ ଓଭରବ୍ରିଜ ନିର୍ମାଣ ଲାଗି ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଭବିଷ୍ୟତରେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। କେନ୍ଦୁଆପଦାଠାରେ ରେଲୱେ ଓଭରବ୍ରିଜ କରା ନ ଗଲେ ଜନଆନ୍ଦୋଳନ କରାଯିବ ବୋଲି କେନ୍ଦୁଆପଦା ସରପଞ୍ଚ ମିତାଲି ଜେନା ଓ ସମିତିସଭ୍ୟ ବିଜୟ କୁମାର ଖଟୁଆ ପ୍ରତିକ୍ରିୟା ରଖିଛନ୍ତି। ସେହିପରି କେନ୍ଦୁଆପଦା ଷ୍ଟେଶନଠାରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ମଧ୍ୟ ସେମାନେ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ବିହିତ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହୋଇଛି।

# କ୍ଲିନ୍ ଓ ଗ୍ରୀନ୍ କୋର୍ଟ ପ୍ରୋଜେକ୍ଟ ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୨୧।୧**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି କେ.ଏସ୍ ଜାଭେରୀଙ୍କ ଦ୍ୱାରା କ୍ଲିନ ଓ ଗ୍ରୀନ କୋର୍ଟ ପ୍ରୋଜେକ୍ଟ ସୋମବାର ଭଦ୍ରକରେ ଉଦ୍‌ଘାଟିତ ହୋଇଯାଇଛି। ଭିଡିଓ କନଫରେନ୍ସି ଦ୍ୱାରା ରାଜ୍ୟର ୨୧ଟି ବିଚାର ବିଭାଗୀୟ ଜିଲାରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ କ୍ଲିନ ଓ ଗ୍ରୀନ କୋର୍ଟ ପ୍ରୋଜେକ୍ଟ ଓଡ଼ିଶାରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତି ଉପସ୍ଥିତ ଥିଲେ। ସମସ୍ତ ଜିଲା ଜଜ୍‌ଙ୍କର ସଦର ମହକୁମାରେ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଏହା କାର୍ଯ୍ୟକାରୀ ହୋଇଛି। କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା ସହ ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସମସ୍ତ କୋର୍ଟ ପରିସରକୁ ପଲିଥିନମୁକ୍ତ କରିବା ସହ ଧୂମ୍ରପାନ ନିଷେଧ ଜୋନ୍ ଘୋଷଣା କରାଯାଇଛି। ପ୍ରତି ମାସର ଶେଷ ରବିବାରରେ ଜିଲା ଜଜ୍‌ମାନେ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମର ତଦାରଖ କରିବେ। ଉଦ୍‌ଘାଟନୀ ସମାରୋହରେ ଜିଲା ଜଜ୍‌ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଜଜ୍ ଅନୁପ କୁମାର ଚନ୍ଦନ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଜନକ ରାଉତ, ଭଦ୍ରକ ଓକିଲ ସଂଘ ସଭାପତି ବିଷ୍ଣୁମୋହନ ମହାପାତ୍ର, ସମ୍ପାଦକ ବିଜନ କୁମାର ଜେନା, ଜିଲା ଓକିଲ ସଂଘ ସମ୍ପାଦକ ଗଦାଧର ବଳ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ବିଚାରପତି ଓ ଓକିଲମାନେ।

## ସଂକ୍ଷେପରେ

### ଆଜି ଆସିବେ ରାଜ୍ୟପାଳ

**ଭଣ୍ଡାରିପୋଖରୀ, ୨୧।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିପାଇଁ ଭଣ୍ଡାରିପୋଖରୀ ହାଇସ୍କୁଲ ପରିସରରେ ପ୍ରସ୍ତୁତି ଶେଷ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ, ତହସିଲଦାର, ସ୍ପେଶାଲ ବ୍ରାଞ୍ଚ, ବିଡିଓ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଡିଏସ୍‌ପି, ଏସ୍‌ଡିପିଓ ପ୍ରମୁଖ ଘଟଣା ସ୍ଥଳ ଅନୁଧ୍ୟାନ କରିଛନ୍ତି। ଏହି ଉତ୍ସବ ୩ ଦିନ ଧରି ପାଳନ କରାଯିବ। ବିଭିନ୍ନ ଦିବସରେ ବିଭିନ୍ନ ରାଜନୈତିକ ଦଳର ମନ୍ତ୍ରୀ, ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ନରହରି ମହାନ୍ତି, ସମ୍ପାଦକ ଲଳିତ କୁମାର ରାଉତ ଓ ଆବାହକ ରମାକାନ୍ତ ଲେଙ୍କା ସୂଚନା ଦେଇଛନ୍ତି।

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାସୁଦେବପୁର, ୨୧।୧ (ଡି.ଏନ.ଏ.):** ବାସୁଦେବପୁର ବେତଡ଼ାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ଯୁକ୍ତ ୨ ଛାତ୍ରୀଛାତ୍ର ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ମୁଖ୍ୟଅତିଥି ଭାବେ ଲେଖକ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗଦେଇ ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବରଣ୍ଡୁଆ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ନିରାକାର ପତି ଅନ୍ୟତମ ଅତିଥି ଏବଂ ପ୍ରବଚକ ଗୋପାଳ ବେଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧାପକ ବ୍ରଜମୋହନ ଦାସ ସଭାପତିତ୍ୱ କରିଥିଲେ। ଅଧକ୍ଷ ଚିତ୍ତରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ବେଣୁଧର ପରିଡା ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଅଧାପିକା କାନ୍ତାରାଣୀ ଦାସ ଅତିଥି ପରିଚୟ ଓ ସ୍ୱର୍ଣ୍ଣପ୍ରଭା ମହାପାତ୍ର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅଧାପିକା ମଞ୍ଜୁଳପ୍ରଭା ପଣ୍ଡା ନିଜ ମତ ରଖିଥିଲେ। କେତେକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା।

### 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର' ଅଭିଯାନ

**ଚାନ୍ଦବାଲି, ୨୧।୧ (ଡି.ଏନ.ଏ.):** ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର' ଅଭିଯାନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ- ଛାତ୍ର ଜନତା ଦଳର ନିର୍ବାଚନ ମଣ୍ଡଳୀ ସଭାପତି ପ୍ରଭାସ ନାୟକଙ୍କ ନେତୃତ୍ୱରେ ପଥପ୍ରାନ୍ତ ସଭା ହୋଇଥିଲା। କେନ୍ଦ୍ର ସରକାର ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ସହ ବୈମାତୃକ ମନୋଭାବକୁ ସଭାରେ ନାପସନ୍ଦ କରାଯାଇଥିଲା। ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ପ୍ରଫୁଲ୍ଲ ବେହେରା, ଉତ୍ତମ ବଳ, ଏନ୍‌ଏସି ସଭାପତି ସେକ୍ ଫିରୋଜ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରିନ୍ସ ରାକେଶ ନାୟକ, ବ୍ଲକ ସମ୍ପାଦକ ମାନସ ଦାସ, ଉପସଭାପତି ଇନ୍ଦ୍ରମଣୀ ସାହୁ, ଅମର ରାଉତ ଓ ବିଷ୍ଣୁପ୍ରସାଦ ବଳ ପ୍ରମୁଖ ଯୋଗ ଦେଇଥିଲେ।

### 'ନୀଳମଣି ଥିଲେ ଉଚ୍ଚ ଚିନ୍ତାଧାରା ସମ୍ପନ୍ନ ମଣିଷ'

**ଭଦ୍ରକ ଅଫିସ, ୨୧।୧:** ଭଦ୍ରକ ବ୍ଲକ କଲେଇ ଗ୍ରାମର ଶିକ୍ଷାବିତ୍, ସାମାଜିକ କର୍ମୀ ସ୍ୱର୍ଗତ ନୀଳମଣି ରାଉତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରିବା ସହ ତାଙ୍କ ଆତ୍ମଜୀବନ ସମ୍ବଳିତ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ସ୍ମୃତିଚାରଣ ସଭାରେ ଉଦ୍‌ବୋଧନ ଦେଇ ବିଧାୟକ ପଟ୍ଟନାୟକ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ସ୍ୱର୍ଗତ ରାଉତଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ସେ ଜଣେ ଅତି ସାଧାରଣ ଓ ଉଚ୍ଚ ଚିନ୍ତାଧାରା ସମ୍ପନ୍ନ ମଣିଷ ଥିଲେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ସଭାରେ ବାବାଜୀ ଚରଣ ରାଉତ ସଭାପତିତ୍ୱ କରିଥିଲେ। ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷ ରଘୁନାଥ ଧଳ, ଜିଲା ପରିଷଦ ସଦସ୍ୟ ସରୋଜ କୁମାର ନାୟକ, ଶିକ୍ଷାବିତ୍ ପୂର୍ଣ୍ଣାନନ୍ଦ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ସାମାଜିକ କର୍ମୀ ରାଧାକାନ୍ତ ସାମଲ ଓ ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨ କୃତୀ ଶିକ୍ଷକ ଓ ୩ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବୁଲା ରାଉତ, ତୁଷାରକାନ୍ତି ପରିଡ଼ା, ପ୍ରଭାତ କୁମାର ରାଉତରାୟ ପ୍ରମୁଖ ସଭା ପରିଚାଳନାରେ ସହାୟତା କରିଥିଲେ।

# 'ଆତ୍ମସୁରକ୍ଷା ତାଲିମ ଜରୁରୀ'


ଉଦ୍‌ଯାପନୀ ସଭାରେ ଉପସ୍ଥିତ କଲେଜ ଛାତ୍ରୀମାନେ।

**ଭଦ୍ରକ ଅଫିସ, ୨୧।୧**

ଭଦ୍ରକ ଉତ୍ତର ବାହିନୀସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଲାଗି ୧୬ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ଓ ଅଧାପିକା ଲିପିପୁଷ୍ପା ନାୟକଙ୍କ ସଂଯୋଜନାରେ ସଭା ହୋଇଥିଲା। ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ପୂର୍ବତନ ଅଧକ୍ଷ ଡ. ବାଇଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଲାଗି ଆତ୍ମସୁରକ୍ଷା ତାଲିମ ଜରୁରୀ ହୋଇପଡ଼ିଛି ବୋଲି ବକ୍ତବ୍ୟ ରଖିଥିଲେ। ଅଧାପିକା ରାଜଶ୍ରୀ ନାୟକ ତାଙ୍କ ଭାଷଣରେ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ରଶ୍ମିତା ମହାନ୍ତି, ରାଜସ୍ମିତା ଖୁଣ୍ଟିଆ ଓ ହିମାଶ୍ରୀ ସ୍ୱାଇଁ ପ୍ରଶିକ୍ଷିକା ଭାବେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦେଇଥିଲେ।

# ୨୭ରୁ ସାବରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ପଦ୍ମପୁର, ୨୧।୧ (ଡି.ଏନ.ଏ.)**

ଭଦ୍ରକ ବ୍ଲକ ଅନ୍ତର୍ଗତ ସାବରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ରୁ ୨୯ ତାରିଖ ୩ ଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର, ଓଡ଼ିଶାର ସୁନାମଧନ୍ୟ କଳାକାର, ବୁଦ୍ଧିଜୀବୀ, ରାଜନେତା ଓ ପ୍ରତିଭା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୁରାତନ ଛାତ୍ର ତଥା ସାମାଜିକ କର୍ମୀ ଡା. ପୂର୍ଣ୍ଣଚନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ର, କୋଷାଧକ୍ଷ ବାବାଜୀ ଚରଣ ସାମଲ, ସହ କୋଷାଧକ୍ଷ ମଧୁସୂଦନ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ପୁରାତନ ଛାତ୍ରୀଛାତ୍ର, ସାହାଡା, ସାବରଙ୍ଗ, ପଦ୍ମପୁର, ଗୋରାମାଟି, ପାଳିଆ, ଅଣ୍ଡରାଇ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣ ଜୟନ୍ତୀର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ଲାଗି ୨୦ଟି କମିଟି ଗଠନ କରାଯାଇଥିଲା। ଆୟୋଜିତ ଉତ୍ସବରେ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବିଦ୍ୟାଳୟର ପୁରାତନ ଛାତ୍ର ତଥା ବରିଷ୍ଠ ଶିକ୍ଷାବିତ୍ ଅରୁଣ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# କେନ୍ଦ୍ରୀୟ ଅବହେଳା ପ୍ରତିବାଦରେ ଛାତ୍ର, ଯୁବ ବିଜେଡିର ରଣହୁଙ୍କାର

**ଭଦ୍ରକ ଅଫିସ, ୨୧।୧**

କେନ୍ଦ୍ରୀୟ ଅବହେଳା ପ୍ରତିବାଦରେ ଛାତ୍ର, ଯୁବ ବିଜେଡି ପକ୍ଷରୁ ରଣହୁଙ୍କାର। କେନ୍ଦ୍ର ସରକାର ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ଯୋଗାଉଥିବା ଅନୁଦାନ ୯୦ ପ୍ରତିଶତ ବନ୍ଦ କରିଦେବାକୁ ବିରୋଧ କରି ସୋମବାର ଭଦ୍ରକ ଜିଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବେ ଅନୁଦାନ ବନ୍ଦ କରି ରାଜ୍ୟ ସରକାରଙ୍କ ଉପରେ ବୋଝ ଲଦିଛନ୍ତି ବୋଲି କୁହାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ କେନ୍ଦ୍ର ସରକାର ୨୦ ପ୍ରତିଶତ ଓ ରାଜ୍ୟ ସରକାର ୮୦ ପ୍ରତିଶତ ଅର୍ଥ ଦେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମାକୁ ବିରୋଧ କରି କେନ୍ଦ୍ରକୁ ଏକ ସ୍ମାରକପତ୍ର ପଠାଇବା ପାଇଁ ଯୁବ ଓ ଛାତ୍ର ବିଜେଡି ମିଳିତ ଭାବେ 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର' ଅଭିଯାନ ନାମରେ ଦସ୍ତଖତ ଅଭିଯାନ କରିଛନ୍ତି।

ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାରେ ଜିଲା ଯୁବ ବିଜେଡି ସଭାପତି ଦୁର୍ଗା ଦାସଙ୍କ ପୌରୋହିତ୍ୟ ଏବଂ ଛାତ୍ର ବିଜେଡି ଜିଲା ସଭାପତି ତଥାଗତ ସାମଲଙ୍କ ସଂଯୋଜନାରେ ବିକ୍ଷୋଭ ସମାବେଶ ହୋଇଥିଲା। ପ୍ରତିବାଦ ସଭାରେ ଜିଲା ବିଜେଡି ସଭାପତି ତଥା ଏମ୍‌ପି ଅର୍ଜୁନ ସେଠୀ, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ମୁକ୍ତିକାନ୍ତ ମଣ୍ଡଳ, ଜିଲା କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ସ୍ୱାଇଁ, ଉପସଭାପତି ଅସିତ ପଟ୍ଟନାୟକ, ମହିଳା ବିଜେଡି ଜିଲା ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଯୁବନେତା ଅଭିମନ୍ୟୁ ସେଠୀ, ସଞ୍ଜୀବ ମଲ୍ଲିକ, ନାରୀନେତ୍ରୀ ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡିର ପ୍ରବୀର ଜେନା, ରାକେଶ ପଣ୍ଡା, ଦେବଦର୍ଶନ ଦାସ, ଛାତ୍ର ବିଜେଡିର ଆଶୁତୋଷ ପଣ୍ଡା, ରାଜେଶ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ସରକାର ତାଙ୍କ ଅଭିମୁଖ୍ୟ ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦ ସଭାରେ ଯୁବ ବିଜେଡିର ପର୍ଯ୍ୟବେକ୍ଷକ ରାଜକମଲ ଜେନା ଏବଂ ଛାତ୍ର ବିଜେଡିର ସିଦ୍ଧାର୍ଥ ସାମଲ ଯୋଗଦେଇ ଅନୁଧ୍ୟାନ କରିଥିଲେ।


ବିକ୍ଷୋଭ ସମାବେଶରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ସରିଲା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଭଦ୍ରକ ଅଫିସ, ୨୧।୧**

ଭଦ୍ରକ ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସି.ଏଚ୍ ବିଜୟଲକ୍ଷ୍ମୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପରିଚାଳନା ସମିତି ସଭାପତି ପ୍ରଦୀପ ମୁଖାର୍ଜୀ, ସଭ୍ୟ ସେକ୍ ଆବୁ ବାସର, ତପନ ସାମଲ, ରହିମା ଖାନମ, ପୁଷ୍ପଲତା ଦାସ, ଶିକ୍ଷୟିତ୍ରୀ ସବିତା ଜେନା, ମୋହନ ବଳ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଜୟମିନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ସିନିୟରରେ ଛାତ୍ରୀ ନୟନା ଖାତୁନ ଏବଂ ଜୁନିୟରରେ ଜ୍ୟୋତିଶ୍ରୀ ସ୍ୱାଇଁ ଓ ସବ୍‌ଜୁନିୟରରେ ଦେବସ୍ମିତା ସ୍ୱାଇଁ ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟ କ୍ୟାବିନେଟର କ୍ରୀଡ଼ା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ରାଜଲକ୍ଷ୍ମୀ ଭୋଳଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପରିବେଶ ସୁରକ୍ଷା ଉତ୍ସବ

**ଭଣ୍ଡାରିପୋଖରୀ, ୨୧।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସରସଦାସ୍ଥିତ ଦୁର୍ଗା ମଣ୍ଡପ ସମ୍ମୁଖରେ ପରିବେଶପ୍ରେମୀ ସ୍ୱର୍ଗତ ମଙ୍ଗରାଜ ସ୍ୱାଇଁଙ୍କ ସ୍ମୃତିରେ ୩ୟ ବାର୍ଷିକ ପରିବେଶ ସୁରକ୍ଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମଣିକାଞ୍ଚନ ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ନଟବର ରାଉଳ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ମୁଖ୍ୟଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଏବଂ ଭଣ୍ଡାରିପୋଖରୀ କଲେଜ ଅଧକ୍ଷ ଭରତ କରଣ, ଦେବେନ୍ଦ୍ର ନାଥ ଧଳ, ସତ୍ୟାନନ୍ଦ ମହାପାତ୍ର, ଅନନ୍ତ କିଶୋର ତ୍ରିପାଠୀ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ଭଳି ଜଣେ ପରିବେଶବିତ୍‌ଙ୍କ ସମ୍ମାନାର୍ଥେ ଆୟୋଜିତ କାର୍ଯ୍ୟକ୍ରମ ବାସ୍ତବରେ ଅନନ୍ୟ ପୂଜାପୂଜାର କାର୍ଯ୍ୟକ୍ରମ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ୱର୍ଗତ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ମରଣୋତ୍ତର ସମ୍ମାନ ତାଙ୍କ ଦାୟଦ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ, ଭଦ୍ରକ ସାପଧରାଳି ସେକ୍ ମିର୍ଜାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅଜୟ ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଦୁର୍ଯ୍ୟୋଧନ ଲେଙ୍କା ମାନପତ୍ର ପାଠ କରିଥିଲେ। ସୁରକ୍ଷା କମିଟି ସଭାପତି ପ୍ରଶାନ୍ତ ଭଞ୍ଜ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ବିଶ୍ୱଜିତ ନାୟକ, ରଣଜିତ ସ୍ୱାଇଁ, ସୁବାସ ନନ୍ଦ ଓ ମାନଗୋବିନ୍ଦ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରକ୍ତଦାନ ଶିବିର: ୧୫୫ ୟୁନିଟ ସଂଗ୍ରହ



ଶିବିରରେ ରକ୍ତଦାନ କରାଯାଉଛି।

**ଭଦ୍ରକ ଅଫିସ, ୨୧।୧**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଯୁବ ରେଡ୍‌କ୍ରସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡ୍‌କ୍ରସ କାଉନସେଲର ପ୍ରଫେସର କମଳାକାନ୍ତ ଜେନା ଏବଂ ପ୍ରଫେସର ସଂଗ୍ରାମ କିଶୋର ମହାନ୍ତିଙ୍କ ଉପସ୍ଥିତିରେ ଅଧକ୍ଷ ଡ. ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲଡବ୍ୟାଙ୍କ ଅଫିସର ଡ. ବିମଳା ମିଶ୍ର ୧୫୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ୪୦ ପ୍ରତିଶତରୁ ଅଧିକ ୟୁନିଟ ରକ୍ତ ଛାତ୍ରୀମାନେ ଦାନ କରିଥିଲେ। ରକ୍ତଦାତା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ କାର୍ଡ ପ୍ରଦାନ କରାଯାଇଥିଲା। ଅଧାପିକା ପ୍ରୀତିସ୍ନା ମହାନ୍ତି, ହରପ୍ରିୟା ମହାନ୍ତି, ଦୀପକ ମହାପାତ୍ର, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ବୋଝେଇ ଟ୍ରକ୍‌କୁ ଅଟକ ରଖିଲେ ଚାଷୀ

**ବନ୍ତ, ୨୧।୧ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଓଡ଼ଙ୍ଗଠାରେ ଏକ ଧାନ ବସ୍ତା ବୋଝେଇ ଟ୍ରକକୁ ସୋମବାର ସନ୍ଧ୍ୟାରେ ଚାଷୀମାନେ ଅଟକ ରଖିଥିଲେ। ଚାଷୀଙ୍କ ଧାନକୁ ବେସରକାରୀ ଭାବେ କମ୍ ଦରରେ କିଣି ଉକ୍ତ ଟ୍ରକରେ ନିଆଯାଉଥିବା ଅଭିଯୋଗ କରି ସରପଞ୍ଚ ଓ ଗ୍ରାମବାସୀ ଅଟକାଇଥିଲେ। ଏ ସମ୍ପର୍କରେ ଆଗରପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ମଙ୍ଗଳବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ କହିଛନ୍ତି। କାଦବରାଙ୍ଗ ସମବାୟ ସମିତି ଓ ବୋର୍ଡ ପକ୍ଷରୁ ତଞ୍ଚକତା କରି ଏହି ଧାନ ଟ୍ରକ ନିଆଯାଉଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

■ ବାପୁ ମେମୋରିଆଲ କ୍ରିକେଟ

# ଚରମ୍ପା ଏକାଦଶ ଓ ଗୋପାଳପୁର ଟିମ୍ ବିଜୟୀ

**ଭଦ୍ରକ ଅଫିସ, ୨୧।୧**

ଭଦ୍ରକ ଜିଲା ଚରମ୍ପା ସେଣ୍ଟ ଜାଭିୟର୍ସ ସ୍କୁଲ ନିକଟସ୍ଥ ପ୍ରାଙ୍ଗଣରେ ଚାଲିଥିବା ବାପୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ଚରମ୍ପା ଏକାଦଶ ଓ ଗୋପାଳପୁର ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ଗୋପାଳପୁର ଟିମ୍ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଚରମ୍ପା ଏକାଦଶ ୧୦.୨ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ମନୋଜ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଗୋପାଳପୁର ଓ ପଗଡ଼ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ପଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୪୮ ରନ୍ କରିଥିଲା। ଗୋପାଳପୁର ସମସ୍ତ ଉଇକେଟ ହରାଇ ଅନୁରୂପ ରନ୍ ସଂଗ୍ରହ କରିବାରୁ ମ୍ୟାଚ୍ ଟାଇ ହୋଇଯାଇଥିଲା। ସୁପର ଓଭରରେ ଗୋପାଳପୁର ଦଳ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉଠିଥିଲା। ଦଳର ମନୋଜ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦିଲୀପ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଲାକ୍ଷାଦୀପ ଦାସ ଓ ବିକ୍ରମ ଯାଦବ ଦୁଇ ମ୍ୟାଚ୍ ପରିଚାଳନା କରିଥିଲେ। ବିକାଶ ଜେନା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅଭିଷେକ ଦାସ, ଦେବରାଜ ସାହୁ, ଲବୁଲୁ, ଚିମୁନ ରାଉତ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ୩ରୁ ମହାବୀର କପ୍ କ୍ରିକେଟ

**ଭଣ୍ଡାରିପୋଖରୀ, ୨୧।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡା ପଞ୍ଚାୟତର ବୈତରଣୀ ନଦୀ କୂଳ ଯଶୋର୍ଜ୍ଜିରିଖେଳପଡ଼ିଆଠାରେ ଦ୍ୱାବିଂଶତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ଫେବୃୟାରୀ ୩ରୁ ଆରମ୍ଭ ହେବ। ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ଓ ଭଦ୍ରକର ସାଳନ୍ଦୀ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ୪ ତାରିଖରେ ଭୁବନେଶ୍ୱର ସ୍କାନ କ୍ଲବ ସହିତ ଯାଜପୁର ରୋଡ କ୍ରିକେଟ ଏକାଡେମୀ, ୫ରେ ଭୁବନେଶ୍ୱର ପାରାମାଉଣ୍ଟ କ୍ଲବ ସହିତ ଭଦ୍ରକ ଚରମ୍ପା କ୍ରିକେଟ ଏକାଡେମୀ, ୬ରେ ବିଏମ୍‌ସିସି ଗୋଲକୁଣ୍ଡ ସହିତ ଉଦଳା ୟୁନିକ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହେବ। ୭ ଓ ୮ରେ ସେମିଫାଇନାଲ ଏବଂ ୧୦ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମହାବୀର କ୍ଲବ ସଭାପତି ତପନ ପ୍ରଧାନ, ସମ୍ପାଦକ ପ୍ରତାପ ପଣ୍ଡା ଓ ଉମେଶ ସ୍ୱାଇଁ ସୂଚନା ଦେଇଛନ୍ତି।

■ ଆନ୍ତଃ ଜିଲା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ

# ଜଗତ୍‌ସିଂହପୁର ହିଣ୍ଟ୍‌ସ ସ୍ପୋର୍ଟିଂ ସେମିରେ

**ଭଣ୍ଡାରିପୋଖରୀ, ୨୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ଖେଳପଡ଼ିଆଠାରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟର ୪ର୍ଥ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧବଳଗିରିର ଡିସିସିକୁ ହରାଇ ଜଗତସିଂହପୁର ନୂଆପଡାର ହିଣ୍ଟସ୍ ସ୍ପୋର୍ଟିଂ ସେମିଫାଇନାଲକୁ ପ୍ରବେଶ କରିଛି। ଡିସିସି ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ୍ କରିଥିଲା। ହିଣ୍ଟସ ସ୍ପୋର୍ଟିଂ ୧୪.୨ ଓଭରରେ ୪ ଉଇକେଟ ହରାଇ ୧୬୭ ରନ୍ ବିଜୟୀ ହୋଇଥିଲା। ମାନସ ମୁଦୁଲିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଶରତ ଜେନା, କାଳନ୍ଦୀ ପଣ୍ଡା ଓ ସ୍କୋରର ଭାବେ ଶୋଭନ ଶଙ୍ଖୁଆ ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରତ୍ୟୁଷ ସାହୁ। ଆସନ୍ତା ୨୩ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭଣ୍ଡାରିପୋଖରୀ କ୍ରିକେଟ ଟିମ୍ ଓ ଜଗତସିଂହପୁର ନୂଆପଡ଼ାର ହିଣ୍ଟ୍‌ସ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।


ମାନସ ମୁଦୁଲି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

କପ୍ତିପଦା,୨୧।୧(ଡି.ଏନ.ଏ): କପ୍ତିପଦା ଥାନା ଅଧୀନ ସାନ ବିଶୋଳ ଗ୍ରାମର ରବୀନ୍ଦ୍ର ମଲ୍ଲିକ ୨୦୧୫ ମସିହାରୁ ଏକ ବଳାତ୍କାର ଓ ଜାତିଆଣ ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିଲା। ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସେ ହାଇଦ୍ରାବାଦରେ କାମ କରୁଥିବାର ପୋଲିସ ଖବର ପାଇଥିଲା। ରବୀନ୍ଦ୍ର ଘରକୁ ଆସିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ରବିବାର ବିଳମ୍ବିତ ରାତିରେ ତାଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଆଖଣ୍ଡଳମଣିଙ୍କ ବିଗ୍ରହ ପ୍ରତିଷ୍ଠା

କୁଆମରା,୨୧।୧(ଡି.ଏନ.ଏ.): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଖଡିକାପଦାଠାରେ ଆଖଣ୍ଡଳମଣି ବାବାଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା ନାଲୁହା ନଦୀରୁ ମନ୍ଦିର ନିକଟରେ ପହଞ୍ଚିଥିଲେ। ମୋଟ ୧୧ ଜଣ ପୂଜକ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ମହିଳା ମାନଙ୍କ ଦ୍ୱାରା ବେଦ ପଠନ କରାଯାଇଥିଲା। ପୂର୍ଣ୍ଣାହୁତୀ ଦିବସରେ ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ କାର୍ଯ୍ୟ କରାଯାଇଥିଲା। ପ୍ରତିଦିନ ବାବାଙ୍କ ପୀଠରେ ଭଜନ ସମାରୋହ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବହୁ ଭକ୍ତ ଯୋଗ ଦେଇଥିଲେ।

### ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର



ବଡ଼ସାହି,୨୧।୧(ସ୍ୱ.ପ୍ର): ବଡସାହି ବିବେକାନନ୍ଦ ବିହାରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ଉତ୍କଳ ଶିକ୍ଷା ପରିଷଦ, ଓଡିଶା-ଭୁବନେଶ୍ୱର ଆନୁକୂଲ୍ୟରେ ଜିଲାସ୍ତରୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମୁହର ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ୨୫ଟି ଶିକ୍ଷାକେନ୍ଦ୍ରରୁ ୧୫୦ଜଣ ଗୁରୁମାଗୁରୁଜୀ ଯୋଗଦାନ କରି ଶିକ୍ଷା ଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ପ୍ରାନ୍ତ ନିରୀକ୍ଷକ ରବିନାରାୟଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡ.ସରୋଜ ନାୟକ ଓ ମୁଖ୍ୟବକ୍ତା ଭାବେ ଭାରତଶିକ୍ଷାରତ୍ନ ଅମିତାଭ ମିଶ୍ର ଯୋଗଦାନ କରି ଶିକ୍ଷା ବ୍ୟବସ୍ଥାକୁ ସଂସ୍କାରିତ କରି ଛାତ୍ରୀଛାତ୍ରଙ୍କୁ ଗଠନ କରିବା ଉପରେ ଆଚାର୍ଯ୍ୟାଆଚାର୍ଯ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ବାଣୀପୀଠର ସମ୍ପାଦକ ଡା. କୁମାର ବାବୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥବା ବେଳେ ଶିକ୍ଷକ ବଙ୍କିମ ବାରିକ୍ ମଞ୍ଚ ପରିଚାଳନା କରିଛନ୍ତି। ଦ୍ୱିତୀୟ ଦିବସ ସନ୍ଧ୍ୟା ଅଧିବେଶନ ଯୋଗେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ୍ ଭରତଚନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ରାଉତ, ମଧୁସୂଦନ ଦାଶ, ଅରୁଣ କୁମାର ଜେନା ଯୋଗ ଦେଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା

ବାରିପଦା ଅଫିସ,୨୧।୧



କୋର୍ଟ ପରିସରରେ ଏମପି ହାଁସଦା ଓ ତାଙ୍କ ସମର୍ଥକମାନେ।

- କଟୁ ମନ୍ତବ୍ୟ ଅଭିଯୋଗ ଆଣିଲେ ମୟୂରଭଞ୍ଜ ଏମ୍‌ପି
- 'ମୋଦିଙ୍କ ସଭାରେ ଅପମାନସୂଚକ ମନ୍ତବ୍ୟ ଦେଇଥିଲେ'
- ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ କୋର୍ଟର ଦ୍ୱାରସ୍ଥ

ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଏମ୍‌ପିଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଏମ୍‌ପି ରାମଚନ୍ଦ୍ର ହାଁସଦା ପୂର୍ବରୁ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସୋମବାର ସେ ଜିଲା ଦୌରାଜଜ ତଥା ସ୍ପେଶାଲ ଜଜଙ୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ମଧ ଏହି ମାମଲାର ତଦନ୍ତ ପାଇଁ ପୋଲିସ ନିକଟକୁ ପଠାଇଛନ୍ତି।

ଗତ ତାରିଖରେ ମୋଦିଙ୍କ ସଭାସ୍ଥଳକୁ ଆସିବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ସଭାରେ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କୁ ବିଭିନ୍ନ କଟୁ କଥା କହିଥିଲେ। ଏନେଇ ଏମ୍‌ପି ଗତ ୬ ତାରିଖରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କ ବିରୋଧରେ କୋର୍ଟର ଆଶ୍ରୟ ନେବେ ବୋଲି ଗଣମାଧ୍ୟମକୁ କହିଥିଲେ। ସେ ପୂର୍ବରୁ ବାରିପଦା ଟାଉନ ଥାନାରେ ଏନେଇ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସୋମବାର ଜିଲା ଦୌରାଜଜ ତଥା ସ୍ପେଶାଲ ଜଜଙ୍କ କୋର୍ଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମରେ ୧୪ ଜଣ ସାକ୍ଷୀଙ୍କ ଦସ୍ତଖତ ଏବଂ ଉକ୍ତ ଦିନରେ ତାଙ୍କୁ ଆକ୍ଷେପ କରି କୁହାଯାଇଥିବା ମନ୍ତବ୍ୟର ଭିଡିଓ ରେକର୍ଡିଂକୁ ଆଧାର କରି ଏକ ମାନହାନି ମାମଲା କରିଥିଲେ। ଏହାସହ ଆଟ୍ରୋସିଟି ଆକ୍ଟରେ ଏକ ମାମଲା ଦାଏର କରିଛନ୍ତି। କୋର୍ଟ ପକ୍ଷରୁ ୧ସିସି କେସ ନଂ ୧/୧୯ ଦଫା ଅଣ୍ଡର ସେକ୍ସନ (୩)(୧)(ଆର)(ୟୁ)(୨)(୩) ଏସସି,ଏସଟି,ପିଏ ଆକ୍ଟ ୧୯୮୯ ଅଣ୍ଡର ସେକ୍ସନ ୪୯୯/୫୦୦/୫୦୪ ଆଇପିସି ୧୮୬୦ରେ ମାମଲା ଦାଏର ହୋଇଛି।

ଏମ୍‌ପି ହାଁସଦାଙ୍କ କହିବା ମୁତାବକ ଗତ ୫ତାରିଖରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ବାରିପଦା ପୋଲିସ ହାଇସ୍କୁଲ ପଡ଼ିଆରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାରୀ କାର୍ଯ୍ୟକ୍ରମ ତଥା ଲୋକାର୍ପଣ ସମାରୋହକୁ ନିମନ୍ତ୍ରିତ କରିଥିଲେ। ଏବଂ ସେ ମଧ ସେହି ଉତ୍ସବରେ ଯୋଗଦେଇଥିଲେ। ହେଲେ ଛଉ ପଡ଼ିଆଠାରେ ସାଧାରଣ ସଭାରେ ମୟୂରଭଞ୍ଜ ଜିଲାବାସୀଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କୁ ଦୁର୍ନୀତିଗ୍ରସ୍ତ ସାଂସଦ ଭାବେ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରତି ମଧ କଟୁ ଶବ୍ଦ ପ୍ରୟୋଗ କରିଥିଲେ। ଏହାଛଡ଼ା କେନ୍ଦ୍ର ସରକାର ତାଙ୍କ ବିରୋଧରେ ଚକ୍ରାନ୍ତ କରି ସିବିଆଇ ଲଗାଇ ମାମଲା ରୁଜୁ କରିଛି ଏବଂ ତାଙ୍କ ବିରୋଧରେ ହୋଇଥିବା ଚିଟ୍‌ଫଣ୍ଡ ମାମଲା ଅଦାଲତରେ ଏବେ ବି ବିଚାରାଧୀନ ରହିଛି। ସିବିଆଇ ଜାଣିଶୁଣି ମାମଲାର ବିଚାରକୁ ଶୀଘ୍ର କରାଇ ଦେଉନାହିଁ। ବିଚାର ବ୍ୟବସ୍ଥା ପ୍ରତି ଯଥେଷ୍ଟ ସମ୍ମାନ ଓ ବିଶ୍ୱାସ ରହିଛି। ଯେପର୍ଯ୍ୟନ୍ତ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ନାହାନ୍ତି, ସେ ପର୍ଯ୍ୟନ୍ତ ତାଙ୍କୁ ଦୋଷୀ ବୋଲି କୁହାଯାଇ ପାରିବ ନାହିଁ ବୋଲି କୋର୍ଟରେ ମାମଲା ରୁଜୁ କରିସାରିବା ପରେ ଗଣମାଧ୍ୟମକୁ ଏହି ମନ୍ତବ୍ୟ ଦେଇଛନ୍ତି ଏମ୍‌ପି ହାଁସଦା।

## ବାରଣ ସତ୍ତ୍ୱେ 'ପିଠା'ରେ ଯୋଗଦେଲେ ସରପଞ୍ଚ

ବଡ଼ସାହି,୨୧।୧(ସ୍ୱ.ପ୍ର)

ରାଜ୍ୟ ସରପଞ୍ଚ ସଂଘ ପକ୍ଷରୁ 'ପିଠା' କାର୍ଯ୍ୟକ୍ରମରେ ଅସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ସଂଘର ନିଷ୍ପତ୍ତିରୁ ଓହରି ଯାଇ ବଡ଼ସାହି ବ୍ଲକ ଅଧୀନ ପ୍ରତାପପୁର ସରପଞ୍ଚ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ 'ପିଠା' କାର୍ଯ୍ୟକ୍ରମ ଚାଲିଥିବା ବେଳେ ସରପଞ୍ଚ ସସ୍ମିତା ନାଏକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଛନ୍ତି। ଭୋଟ ଦେଇ ଜୟଯୁକ୍ତ କରିଥିବା ପଞ୍ଚାୟତବାସୀଙ୍କ ସମସ୍ୟା ସମାଧାନ କରିବା ତାଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ସରକାରଙ୍କ ଉନ୍ନୟନ ଯୋଜନା ଉପଯୁକ୍ତ ହିତାଧିକାରୀ ପାଇବା ଉଚିତ। ଏଣୁ ମୁଁ ସଂଘର ନିଷ୍ପତ୍ତିରୁ ଓହରି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସରପଞ୍ଚ କହିଛନ୍ତି। ତେବେ ଏହାକୁ ନେଇ ସଂଘରେ ଚାଲିଥିବା କନ୍ଦଳ ପଦାରେ ପଡିଛି। ଏ ସମ୍ପର୍କରେ ରାଜ୍ୟ ସରପଞ୍ଚ ସଂଘର ସମ୍ପାଦକ ନରେନ୍ଦ୍ର ସିଂ କହନ୍ତି, ସରପଞ୍ଚ 'ପିଠା' କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଖବର ପାଇଛି। ମୁଁ ତାଙ୍କ ସହିତ ଆଲୋଚନା କରିବି।

## ସରପଞ୍ଚଙ୍କର ୩ ସନ୍ତାନ ଥିବା ଅଭିଯୋଗ
# ଦାୟିତ୍ୱରୁ ବରଖାସ୍ତ ଦାବି

ବଡ଼ସାହି,୨୧।୧(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଖାନୁଆ ପଞ୍ଚାୟତ ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚଙ୍କ ତିନି ସନ୍ତାନ ଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଡସାହି ବିଡିଓ, ଡିପିଓ ଓ ପଞ୍ଚାୟତିରାଜ ବିଭାଗକୁ ମଧ ଅବଗତ କରାଯାଇଛି।

ଅଭିଯୋଗରୁ ଜଣାଯାଏ, ପୂର୍ବରୁ ସରପଞ୍ଚ ଥିବା ଗୀତାରାଣୀ ସିଂ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ସେ ନିଲମ୍ବିତ ହୋଇଥିଲେ। ପରେ ପ୍ରଶାସନ ନିୟମ ଅନୁଯାୟୀ ନାଏବ ସରପଞ୍ଚ ବାଡା ସିଂଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ତାଙ୍କର ତିନୋଟି ସନ୍ତାନ ଥିବା ନେଇ ଅଭିଯୋଗକାରୀ ରାଶନକାର୍ଡ ପ୍ରମାଣପତ୍ର ସହିତ ଅଭିଯୋଗ କରିଛନ୍ତି। ନାଏବ ସରପଞ୍ଚଙ୍କର ତିନିଜଣ କନ୍ୟା ସନ୍ତାନ ରହିଛନ୍ତି। ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରି ସେ ନିର୍ବାଚନ ଜିତିଛନ୍ତି। ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ତଦନ୍ତ କରାଯାଇ ତାଙ୍କୁ ସରପଞ୍ଚ ପଦରୁ ବହିଷ୍କୃତ କରିବାକୁ ଗ୍ରାମର ରାଜେନ୍ଦ୍ର ସିଂ, ରବିନା ସିଂ, ରାବାରାମ ସିଂ, ଶିବପ୍ରସାଦ ଗିରି ରାମଚନ୍ଦ୍ର ସିଂ, ପଦ୍ମଲୋଚନ ସିଂଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ନାଏବ ସରପଞ୍ଚଙ୍କୁ ପଚାରିବାରୁ ସେ କହନ୍ତି, ପ୍ରଥମ ପତ୍ନୀ ମୃତ୍ୟୁବରଣ କରିଥିବାବେଳେ ତାଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ଦ୍ୱିତୀୟ ପତ୍ନୀଙ୍କର ଏକ କନ୍ୟା ସନ୍ତାନ ରହିଛି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହନ୍ତି, ମୁଁ କୌଣସି ଅଭିଯୋଗ ପାଇନାହିଁ। ତେବେ ଅଭିଯୋଗର ସତ୍ୟତା ଥିଲେ ଆଇନ ତା' ବାଟରେ ଯିବ।

## ଯୁଗଜ୍ୟୋତି କ୍ଲବର ବାର୍ଷିକ ଉତ୍ସବ

କୁଆମରା,୨୧।୧(ଡି.ଏନ୍.ଏ.)

ଗୋପବନ୍ଧୁନଗର ବ୍ଲକ୍‌ର ଭଣ୍ଡଗାଁଠାରେ ଯୁଗଜ୍ୟୋତି କଲ୍‌ଚରାଲ ଆଣ୍ଡ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ କାହ୍ନୁଚରଣ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ଭାସ୍କର ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଇନ୍‌ସପେକ୍ଟର ସୌମ୍ୟରଞ୍ଜନ ଭୋଳ, ଶିକ୍ଷାବିତ୍ ହରିହର ପାତ୍ର, ବିଜୁ ଯୁବବାହିନୀର ସଭାନେତ୍ରୀ ପ୍ରମିଳା ପାତ୍ର, ସରପଞ୍ଚ ଗୋପୀନାଥ ବେହେରା ଯୋଗଦେଇଥିଲେ। ସମିତିସଭ୍ୟ ତଥା ବ୍ଲକର ସମ୍ପାଦକ ଅଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚାୟତସ୍ତରରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ାର ୧୮ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ କ୍ଲବର ବନ୍ଧୁମିଳନ ଉତ୍ସବ କାର୍ଯ୍ୟକୁ ମନୋଜ କୁମାର ପାତ୍ର, ଅନୀଲ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ମହିଳାମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

# 'ବିର୍ସାମୁଣ୍ଡାଙ୍କ ଆଦର୍ଶକୁ ବଞ୍ଚାଇ ରଖ'

ବଡ଼ସାହି,୨୧।୧(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ମଧୁପୁର ଗ୍ରାମରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦିବସ ଅନୁଷ୍ଠିତ ହୋଇଯାଇଛି। କଳାପାହାଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଆଦିବାସୀ ମହିଳା ପୁରୁଷ ଏକତ୍ରିତ ହୋଇଥିଲେ। ପାରମ୍ପରିକ ବେଶଭୂଷାରେ ମହିଳାମାନେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିଛନ୍ତି। ପରେ ମୁଣ୍ଡାରୀବାନି ସ୍କୁଲର ପ୍ରଧାନ ଶିକ୍ଷକ ଧର୍ମା ସିଂଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଦିଲ୍ଲୀ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ସିଂ, ସମ୍ମାନିତ ଅତିଥି ଭାବେ ମୁଣ୍ଡାରୀ ଯାତ୍ରାଜଗତର ନିର୍ଦ୍ଦେଶକ ଦଶରଥ ସିଂ, ମୁଖ୍ୟବକ୍ତା ଭାବେ ଓମ୍‌ସାର ସଭାପତି ମଙ୍ଗଳ ସିଂ ପ୍ରମୁଖ ଉପସ୍ଥିତ ରହି ବିର୍ସାମୁଣ୍ଡାଙ୍କ ରୀତି, ନୀତି ଓ ଆଦର୍ଶକୁ ବଞ୍ଚାଇ ରଖିଲେ ମୁଣ୍ଡା ସମ୍ପ୍ରଦାୟର ବିର୍ସାମୁଣ୍ଡା ଅମର ରହିବେ ବୋଲି କହିଛନ୍ତି। ମା' କଣ୍ଡାଲୁ କାରାମ୍ ସୁସୁନ ଗ୍ରୁପର ମ୍ୟାନେଜର ବୈଦ୍ୟନାଥ ସିଂ ଧନ୍ୟବାଦ ଅର୍ପଣ କରିଛନ୍ତି। ସନ୍ଧ୍ୟାରେ ଆଦିବାସୀ ମହିଳାପୁରୁଷମାନେ ମାଦଳ ଧୂମସା ତାଳେ ତାଳେ ନୃତ୍ୟ କରିଥିଲେ।

# ୮୩ ବ୍ୟାଚର ବନ୍ଧୁମିଳନ



୮୩ ବ୍ୟାଚର ପୁରାତନ ବନ୍ଧୁ ମିଳନ।

ବଡ଼ସାହି,୨୧।୧(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ଭୀମଦା ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଗଙ୍ଗାହାର ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ସୁବ୍ରତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୮୩ ବ୍ୟାଚର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ଲକ୍ଷ୍ମୀଧର ଭୋଇ ଓ ରମେଶ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ବେହେରା, ସନ୍ତୋଷ କୁମାର ତରେଇ, ରଘୁନାଥ ବେହେରା, ଗୋପାଳକୃଷ୍ଣ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଶେଷରେ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଛନ୍ତି।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ବଡ଼ସାହି,୨୧।୧(ସ୍ୱ.ପ୍ର)

ବଡ଼ସାହି ଥାନା ଅଧୀନ ଡାହିସାହି ଗ୍ରାମର ଦୁଲି ବେଶ୍ରା(୪୦)ଙ୍କ ସୋମବାର ବଡ଼ସାହି ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ରବିବାର ବିଳମ୍ବିତ ରାତିରେ ଦୁଲିଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୬/୧୯) ରୁଜୁ କରିଛି।

# ବୁରୁବଙ୍ଗା ମହୋତ୍ସବ ଉଦ୍‌ଘାଟିତ

ବଡ଼ସାହି,୨୧।୧(ସ୍ୱ.ପ୍ର)

ବଡସାହି ପଞ୍ଚାୟତ କେନ୍ଦୁଆସାହି ବିର୍ସା ମଇଦାନରେ 'ବୁରୁବଙ୍ଗା ମହୋତ୍ସବ' ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମୁଣ୍ଡାରୀ ସମ୍ପ୍ରଦାୟର ଆରାଧ୍ୟ ଦେବତା ବୁରୁବଙ୍ଗା ଓ ବିର୍ସା ମୁଣ୍ଡାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଣ୍ଡାରୀ ଭାଷା ଓ ସଂସ୍କୃତି ବୋର୍ଡର ମୟୂରଭଞ୍ଜ ଶାଖା ସଭାପତି ବୁଧିରାମ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ ଓ ମୁଣ୍ଡାରୀ ଶିକ୍ଷକ ବୁଧିଆ ସିଂ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କମିଟିର ଉପସଭାପତି ବାଦଲ ସିଂ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ମହୋତ୍ସବ ୨ଦିନ ଧରି ଚାଲିବାକୁ ଥିବା ବେଳେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

# 'ଆମକୁ ନିୟମିତ କର'

ବଡ଼ସାହି,୨୧।୧(ସ୍ୱ.ପ୍ର)

ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ବଡ଼ସାହି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ମାନଙ୍କୁ ରେଗୁଲାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ସୋମବାର ପ୍ରଦାନ କରାଯାଇଛି।। ସଂଘର ସମ୍ପାଦକ ପରମେଶ୍ୱର ବିଶ୍ୱାଳ ଓ ଉପଦେଷ୍ଟା ପ୍ରଦୀପ୍ତ କିଶୋର ଉପାଧ୍ୟାୟଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବଡ଼ସାହି ଓ ବେତନଟୀ ବ୍ଲକର ୫୬ଜଣ ଜିଆର୍‌ଏସ୍ ବିଧାୟକଙ୍କ ବାସଭବନକୁ ଯାଇ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଆରଏସ୍‌ମାନଙ୍କୁ ରେଗୁଲାର କରିବା ପାଇଁ ସଂଘ ପକ୍ଷରୁ ଗତ ୧୫ ନଭେମ୍ବରରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ବିଧାନସଭା ସମ୍ମୁଖରେ ଧାରଣା ଦେଉଛନ୍ତି। ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପାଇଁ ସେମାନଙ୍କ ଦାବି ପୂରଣ ହେଉ ନ ଥିବାରୁ ଅଦ୍ୟାବଧି କାର୍ଯ୍ୟରେ ଯୋଗଦେଉନାହାନ୍ତି। ଫଳରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଖୁବ୍‌ଶୀଘ୍ର ସେମାନଙ୍କ ଦାବି ପୂରଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଜିଆର୍‌ଏସ୍ ସଂଘ ପକ୍ଷରୁ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ: ୪ ଦିନରେ ୨ଥର

ବାରିପଦା ଅଫିସ,୨୧।୧

**ଜିଲା ରାଜନୀତି ସରଗରମ**
- ୩୦ ରେ ବାରିପଦା ଓ ୩ରେ ରାଇରଙ୍ଗପୁର ଗସ୍ତ
- ପ୍ୟାକେଜ ଘୋଷଣା ଆଶାରେ ଜିଲାବାସୀ
- ପୂର୍ବରୁ ବାତିଲ ହୋଇଥିଲା କାର୍ଯ୍ୟକ୍ରମ
- ଆଜି ଆସିବେ ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩୦ ତାରିଖ ଓ ଫେବୃୟାରୀ ୩ ତାରିଖରେ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ଏନେଇ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କର ବାରିପଦା ଓ ଫେବୃୟାରୀ ୩ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି। ୪ ଦିନ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲାକୁ ଦୁଇ ଥର ଗସ୍ତ କରିବା ଏହା ପ୍ରଥମ। ତେବେ ଏଥିରେ ସରକାରୀ କାର୍ଯ୍ୟକ୍ରମ ସହିତ କିଛି ଦଳୀୟ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ କମ୍ ଦିନ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ଦୁଇଥର ଗୋଟିଏ ଜିଲା ଗସ୍ତରେ ଆସିବା ପ୍ରଥମ ଘଟଣା ବୋଲି ଆଲୋଚନା ହେଉଛି। ମୋଦିଙ୍କ ଗସ୍ତ ପରେ ଏହା ଦଳର ଶକ୍ତି ପ୍ରଦର୍ଶନ ବୋଲି ମଧ ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସୁରୁଖୁରୁ କରିବା ଲାଗି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଉପରୋକ୍ତ ଦୁଇଟି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲା ପାଇଁ ସ୍ୱତନ୍ତ୍ର ଘୋଷଣା କରିପାରନ୍ତି ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ବିଶେଷକରି ବୁଢ଼ାବଳଙ୍ଗରେ ଆଡି ବନ୍ଧ ନିର୍ମାଣ, ଚାଷୀଙ୍କୁ ପ୍ୟାକେଜ, ଜିଲାରେ ଶିଳ୍ପାୟନ, ଜମ୍ବିରା ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ସହିତ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଜରିଆରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନାସ କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରକାଶଥାଉ କି ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତରେ ଆସିଥିଲେ। ବାରିପଦା ପୋଲିସ ପଡ଼ିଆରେ ସରକାରୀ କାର୍ଯ୍ୟକ୍ରମ ଓ ଛଉ ପଡ଼ିଆରେ ଏକ ଦଳୀୟ ସମାବେଶରେ ସମବେତ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଥିଲେ। ବିଜେଡିକୁ ପରୋକ୍ଷରେ ଏବଂ କଂଗ୍ରେସକୁ ସିଧା ଟାର୍ଗେଟ କରି ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜାନୁୟାରୀ ୧୦ ତାରିଖରେ ବାରିପଦା ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରସ୍ତୁତି ବୈଠକ ମଧ ହୋଇଥିଲା। ହେଲେ ଶେଷ ସମୟରେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ସେହିପରି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) କେନ୍ଦ୍ରୀୟ ଅଧ୍ୟକ୍ଷ ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ପାଇଁ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ମଙ୍ଗଳବାର କୁଲିଅଣା ନିକଟ ଖୁକୁଡିଆରେ ଏକ ଫୁଟବଲ ପ୍ରତିଯୋଗିତାର ସମାପନ କାର୍ଯ୍ୟକ୍ରମ ଓ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଠାରୁ ବାରିପଦା ଆସି ସୁବର୍ଣ୍ଣରେଖା ଇରିଗେଶନ ଗେଷ୍ଟ ହାଉସରେ ରାତ୍ରୀ ଯାପନ କରିବେ। ଏହା ପରେ ବୁଧବାର ମୋରଡ଼ା ନିକଟସ୍ଥ ଭାତଛତର ପଡିଆଠାରେ ଦଳୀୟ ସମାବେଶରେ ଉପସ୍ଥିତ ଜନସମାବେଶକୁ ଉଦ୍‌ବୋଧନ ଦେବେ। ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ବିଜାତଳା ବ୍ଲକରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଞ୍ଚି ଫେରିଯିବାର କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ବାରିପଦା ଗସ୍ତ ପରେ ମୟୂରଭଞ୍ଜ ଜିଲା ରାଜନୀତି ସରଗରମ ହୋଇଉଠିଛି। ଭାଜପା, ବିଜେଡି ଓ ଜେଏମଏମ ନିଜ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିସାରିଥିବାବେଳେ କଂଗ୍ରେସ କିନ୍ତୁ ପଛରେ ପଡିଯାଇଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## ସଂକ୍ଷେପରେ

ମରାମତି ହେବ ବାହାନଗା ରେଳଷ୍ଟେଶନ ରାସ୍ତା

### ଚିଠି ଦ୍ୱାରା ଜଣାଇଲେ ଡିଆରଏମ୍

ବାହାନଗା, ୨୧।୧(ଡି.ଏନ.ଏ.): ଦୀର୍ଘ ଦିନ ଦାବି ପରେ ବାହାନଗା ରେଳଷ୍ଟେଶନର ଉତ୍ତର କେବିନ୍‌ଠାରୁ ଦକ୍ଷିଣ କେବିନ୍ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାକୁ ରେଳବିଭାଗ ମରାମତି କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛି। ଲୋକେ ଏହି ରାସ୍ତା ଦେଇ ଇଛାପୁର ଗ୍ରାମ ଓ ବାହାନଗା କଲେଜ, ବାହାନଗା ରେଳଷ୍ଟେଶନକୁ ଯାତାୟାତ କରିବାରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଏଥିନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରେଳ ବିଭାଗ ତତ୍ପର ହୋଇପଡିଥିଲା। ଏହାପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଖଡଗପୁରସ୍ଥିତ ସାଉଥ୍ ଇଷ୍ଟନ୍ ରେଲୱେ ଏଡିଆରଏମ୍‌ଙ୍କୁ ରାସ୍ତା ଅବସ୍ଥା ନେଇ ଦାବିପତ୍ର ଦିଆଯାଇଥିଲା। ୨୦୧୮ ଅକ୍ଟୋବରରେ ବାହାନଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଇଛାପୁର ଗ୍ରାମବାସୀ ରେଲୱେ ବିଭାଗର ଡିଆରଏମ୍‌ଙ୍କୁ ଧରିତ୍ରୀରେ ପ୍ରକାଶିତ ଖବର କଟିଂ ସହିତ ଏକ ଦାବିପତ୍ର ଗତ ତା୨୩।୧୦।୨୦୧୮ରେ ପ୍ରଦାନ କରିଥିଲେ। ସେହିପରି ନଭେମ୍ବରରେ ଅନ୍ୟ ଏକ ଅନୁଷ୍ଠାନ ତରଫରୁ ତା ୯।୧୧।୨୦୧୮ ରିଖରେ ବାହାନଗା ରେଳଷ୍ଟେଶନର ସମସ୍ୟା ନେଇ ଷ୍ଟେଶନ ମ୍ୟାନେଜରଙ୍କୁ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଖଡଗପୁରସ୍ଥିତ ସାଉଥ୍ ଇଷ୍ଟନ୍ ରେଲୱେର ଡିଆରଏମ ତା ୧୬।୧।୨୦୧୯ ରିଖରେ ଜିଲା ଏମରଜେନ୍ସି ଅଫିସରଙ୍କ ନିକଟକୁ ପୂର୍ବତନ ସରପଞ୍ଚଙ୍କ ଦାବି ଓ ଗଣମାଧମରେ ପ୍ରକାଶିତ ଖବର ପରେ ସେହି ଉତ୍ତର କେବିନ୍‌ଠାରୁ ଦକ୍ଷିଣ କେବିନ୍ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାକୁ ଶୀଘ୍ର ମରାମତି କରାଯିବା ସହିତ ରାସ୍ତା ଚଉଡା କରାଯିବ ବୋଲି ଚିଠି ମାଧମରେ ଜଣାଇଛନ୍ତି।

### ଚୋରଙ୍କୁ କାବୁ କଲେ ଗାଁ ଲୋକେ

ସୋର, ୨୧।୧(ଡି.ଏନ୍.ଏ.): ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଦଙ୍ଗଳ ଗଡିହା ସାହିରେ ରବିବାର ବିଳମ୍ବିତ ରାତିରେ ଜଣକ ଘରେ ପଶି ଜଣେ ଯୁବକ ଚୋରି କରୁଥିବା ବେଳେ ସମ୍ପୃକ୍ତ ଘର ଲୋକେ ଉଠିପଡି ତାଙ୍କୁ କାବୁ କରିନେଇଥିଲେ। ଗ୍ରାମବାସୀ ପହଞ୍ଚି ଚୋରଙ୍କୁ ମାଡ଼ ମାରିବା ସହିତ ବାନ୍ଧିଦେଇଥିଲେ। ସୋର ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି ।

### ଶିକ୍ଷା ସଂଗଠକ ଅନାମଙ୍କ ସ୍ମୃତି ସମାରୋହ

ଭଦ୍ରକ ଅଫିସ, ୨୧।୧: ସ୍ୱର୍ଗତ ଅନାମ ସୂତାର ଏକାଧାରରେ ଜଣେ ସଫଳ ସୁଦକ୍ଷ ଶିକ୍ଷା ସଂଗଠକ ଓ ଆଦର୍ଶ କର୍ମବୀର ଥିଲେ। ସେ ଘଣ୍ଟେଶ୍ୱର କଲେଜ ଓ ଭଦ୍ରକ ନରେନ୍ଦ୍ରପୁରଠାରେ ପାଠାଗାର ପ୍ରତିଷ୍ଠା କରି ଯେପରି ଜଣେ ଶିକ୍ଷା ସଂଗଠକର ପରିଚୟ ସୃଷ୍ଟି କରିଛନ୍ତି, ସେପରି ଶ୍ରୀଜଗନ୍ନାଥ, ମହାଦେବ, ହନୁମାନ ମନ୍ଦିର ପ୍ରତିଷ୍ଠା କରି ଆଦର୍ଶ ଆଧ୍ୟାତ୍ମବାଦୀ ମଣିଷ ଭାବେ ଅନନ୍ୟ ସ୍ୱାକ୍ଷର ତୋଳିଛନ୍ତି ବୋଲି ଭଦ୍ରକ ସାଳନ୍ଦୀ ବାଇପାସ୍ ନିକଟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସ୍ୱର୍ଗତ ସୂତାରଙ୍କ ଦ୍ୱାଦଶାହ ସ୍ମୃତି ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧାପକ ନୀହାର ରଞ୍ଜନ କର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧିବକ୍ତା ନିରାକର ଜେନା, ମୁଖ୍ୟବକ୍ତା ଭାବେ ଗୀତିକାର ପୀତାମ୍ବର ମିଶ୍ର, ବିଶିଷ୍ଟ କଥାକାର ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ନରେନ ପଲେଇ, ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ପଣ୍ଡିତ ଦୈତାରୀ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ରାଉତଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ।

### ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚାନ୍ଦବାଲି, ୨୧।୧ (ଡି.ଏନ.ଏ.): ଧାମରା ପଞ୍ଚାୟତର ଗୁଆଁଳ ଗ୍ରାମରେ ଭାବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ୧୦୮ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ବାସ୍ତୁପୂଜା, ଷୋଡ଼ଶ ଉପଚାର ପୂଜା, ଗୀତା ଯଜ୍ଞ, ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ ଓ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ନାୟକ, କମଳଲୋଚନ ସାହୁ, ଚନ୍ଦ୍ରମଣି ସାହୁ, ରାମଚନ୍ଦ୍ର ସାହୁ, ମୁରଲୀଧର ମହାଳିକ, ନିମାଇଁ ଚରଣ ଦାସ, ଦୁଃଖୀରାମ ରାଉତ, ଅମୂଲ୍ୟ ସାହୁ ଓ ଜୟଦେବ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରୁନି ଅଙ୍ଗନୱାଡି ଗୃହ ନିର୍ମାଣ

- କ୍ଲବ, ପରିତ୍ୟକ୍ତ ଘରେ ପାଠ ପଢୁଛନ୍ତି ଶିଶୁ
- ଅଭିଭାବକ ମହଲରେ ଅସନ୍ତୋଷ

ଆରଡ଼ି, ୨୧।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଏବଂ ଓଳଗ ପଞ୍ଚାୟତରେ ୧୭ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ଅମୃତ ମଣୋହି ଓ ପାରଡିଆ-ଚମ୍ପାସାହି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ସରିଛି। ଏହି ୨ କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନେ ଅଧ୍ୟୟନ କରୁଛନ୍ତି। ଅବଶିଷ୍ଟ ୧୫ କେନ୍ଦ୍ର ମଧ୍ୟରୁ ୨ଟିର ନୂତନ ଗୃହରେ ଛାତ ପଡ଼ିଯାଇଛି। ଅନ୍ୟ କେନ୍ଦ୍ରଗୁଡ଼ିକ ମଧ୍ୟରୁ କେଉଁଠି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ରହିଛି ତ ଆଉ କେଉଁଠି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନେ କେଉଁଠି ଅଙ୍ଗନୱାଡି କର୍ମୀଙ୍କ ଗୃହରେ ପଢୁଛନ୍ତି ତ ଆଉ କେଉଁଠି କ୍ଲବ ଘର ଏପରିକି ପରିତ୍ୟକ୍ତ ଗୃହରେ ପାଠ ପଢୁଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବରୁ ସରକାରୀ ଜମି କେବଳ ଅନାବାଦୀ, ଆବାଦୀ ଯୋଗ୍ୟ ଅନାବାଦୀ ଜାଗାରେ ଅଙ୍ଗନୱାଡି ଗୃହ ନିର୍ମାଣ ଲାଗି ନିୟମାନୁସାରେ ବିବେଚିତ ସ୍ଥାନ ଥିଲା। ଅନେକ ଗ୍ରାମରେ ଏହି କିସମର ଜାଗା ନ ଥିବାରୁ ସରକାର ଏହି ନିୟମକୁ କୋହଳ କରିଥିଲେ। ଗ୍ରାମର ରକ୍ଷିତ ସ୍ଥାନ ଯେପରିକି ପାଣିନାଳ ଓ ଗୋଚର ଆଦି ଜମିରେ ନିର୍ମାଣ କେନ୍ଦ୍ର ଗୃହ ହୋଇପାରିବ ବୋଲି ୩ବର୍ଷ ତଳେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଫଳରେ ଏହି ୨ ପଞ୍ଚାୟତର ପ୍ରାୟ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ନୂତନ ଗୃହ ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ନୂତନ କେନ୍ଦ୍ର ନିର୍ମାଣ ସକାଶେ ବ୍ଲକର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ କାର୍ଯ୍ୟ ଶେଷ କରିବାକୁ ନିୟମ ପ୍ରସ୍ତୁତ କରାଯାଇଥିଲା। ଏହି ୨ ପଞ୍ଚାୟତରେ ତାହାର ବ୍ୟତିକ୍ରମ ଘଟିଥିବା ଅଭିଯୋଗ ହେଉଛି। କେତେକ କେନ୍ଦ୍ରରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଏହାକୁ ପୂର୍ଣ୍ଣାଙ୍ଗ କରା ନ ଯାଇ ବର୍ଷ ବର୍ଷ ଧରି ପକାଇ ରଖାଯାଇଛି। ଏ ସମ୍ପର୍କରେ ଚାନ୍ଦବାଲି ଶିଶୁ ପ୍ରକଳ୍ପ ଅଧିକାରୀଙ୍କୁ ପଚାରିବାରୁ ଠିକ୍ ତଥ୍ୟ ପରେ ପ୍ରଦାନ କରିବେ ବୋଲି କହିଥିଲେ। ସେହିପରି ସୁନ୍ଦରପୁର ସେକ୍ଟର ମହିଳା ପରିଦର୍ଶିକା ନିର୍ମଳା ସାହୁ କହିଛନ୍ତି ଯେ, ମୋଟ ୧୭ କେନ୍ଦ୍ର ମଧ୍ୟରୁ ୨ଟି କେନ୍ଦ୍ରର ନୂତନ ଗୃହ ନିର୍ମାଣ ସରିଛି। ୪ କେନ୍ଦ୍ରରେ ନିର୍ମାଣ ଗୃହରେ ଛାତ ପଡିଥିଲେ ମଧ୍ୟ ଝରକା, କବାଟ ଲାଗିପାରି ନାହିଁ। ଆଉ କେତେକ କେନ୍ଦ୍ରରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ମାତ୍ର ୩ଟି କେନ୍ଦ୍ରରେ ଗ୍ରାମବାସୀଙ୍କ ଅସହଯୋଗ କାରଣରୁ ନୂତନ ଗୃହ ନିର୍ମାଣ ହୋଇପାରି ନାହିଁ। ୨୦୧୯ ଶେଷ ସୁଦ୍ଧା ପ୍ରାୟ ସମସ୍ତ କେନ୍ଦ୍ରରେ ଗୃହ ନିର୍ମାଣ ସରିବାର ଆଶା ରହିଛି।



ଏକ ଅଙ୍ଗନୱାଡି କେନ୍ଦ୍ର ଗୃହ ଅଧାପନ୍ତରିଆ ହୋଇ ରହିଛି।

## କୁକୁର ଆକ୍ରମଣରେ ଗଲା ନାବାଳକଙ୍କ ଜୀବନ

ବାରିପଦା ଅଫିସ,୨୧।୧

କୁକୁର ପଲ ଆକ୍ରମଣରେ ଗଲା ନାବାଳକଙ୍କ ଜୀବନ। ଏପରି ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ରାହାନ୍ଦା ଅଞ୍ଚଳରେ ସୋମବାର ଘଟିଛି। ମୃତକ ହେଲେ ବାଲିସୁଦୂରା ଗ୍ରାମର ଶରମା ମହାରଣାଙ୍କ ପୁଅ ରିଙ୍କୁ (୭)। ସେ ଏକୁଟିଆ ସ୍କୁଲ ଯାଉଥିବାବେଳେ ଏପରି ଅଘଟଣର ସମ୍ମୁଖୀନ ହୋଇଥିବା ଜଣାଯାଇଛି।

ପୋଲିସ ସୂଚନା ମୁତାବକ ରିଙ୍କୁ ରାହାନ୍ଦା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପାଠ ପଢ଼ନ୍ତି। ସେ ସୋମବାର ସକାଳେ ବିଲ ରାସ୍ତାରେ ଏକୁଟିଆ ସ୍କୁଲ ଯାଉଥିଲେ। ଉକ୍ତ ସମୟରେ ପ୍ରାୟ ୪ ଟି କୁକୁର ତାଙ୍କୁ ଦଳବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅସହାୟ ହୋଇ ରିଙ୍କୁ ତଳେ ପଡିଯାଇଥିବା ବେଳେ କୁକୁରମାନେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାମୁଡି ରକ୍ତାକ୍ତ କରି ଦେଇଥିଲେ। ଏହା ପରେ ଆହୁରି ଦୁଇ କୁକୁର ପହଞ୍ଚି ମିଳିତ ଆକ୍ରମଣ କରିବାରୁ ରିଙ୍କୁଙ୍କ ପେଟର ଅନ୍ତଃବୁଜୁଳା ବାହାରି ଯାଇଥିଲା। କୁକୁରମାନଙ୍କର ଭୁକିବା ଶବ୍ଦ ଶୁଣି କିଛି ଦୂରେ ଯାଉଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ରିଙ୍କୁଙ୍କ ମୃତ୍ୟୁ ହୋଇସାରିଥିଲା। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନା ପଠାଇଥିଲା। ଯଶିପୁର ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ କରାଯାଇଛି। ଏହା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରି ଦେଇଛି।

## 'ପ୍ରତିଭା ବିକାଶ ଲାଗି 'ମୁଁ ହିରୋ' ଉତ୍କୃଷ୍ଟ ମାଧ୍ୟମ'

ଭଦ୍ରକ ଅଫିସ, ୨୧।୧ : ଭଦ୍ରକ ବ୍ଲକ ତଳାଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ମୁଁ ହିରୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ସଭାପତି ପ୍ରତ୍ୟୁଷ ରାଉତ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଆମ୍ବରୋଲି ସରପଞ୍ଚ କମଳିନୀ ଦାସ, ସମିତିସଭ୍ୟ ଜ୍ୟୋତିପ୍ରକାଶ ସାମଲ ଯୋଗଦେଇ ଗ୍ରାମାଞ୍ଚଳରେ ପ୍ରତିଭା ବିକାଶ ଲାଗି ମୁଁ ହିରୋ କାର୍ଯ୍ୟକ୍ରମ ଉତ୍କୃଷ୍ଟ ମାଧ୍ୟମ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ଶିବଶକ୍ତି ନାଟ୍ୟ ପରିଷଦର ମକର ସମାରୋହ

## 'କଳା, ସଂସ୍କୃତିକୁ ମଜଭୁତ କରେ ମହୋତ୍ସବ'

ବାସୁଦେବପୁର, ୨୧।୧ (ଡି.ଏନ.ଏ.)

ବାସୁଦେବପୁର ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ଶିବଶକ୍ତି ନାଟ୍ୟ ପରିଷଦ ଆନୁକୂଲ୍ୟରେ ମକର ମହୋତ୍ସବ- ୨୦୧୯ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ଯୁବ ଯାଦବ ମହାସଂଘ ସଭାପତି ପ୍ରକାଶଜ୍ୟୋତି ମହାକୁଡ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ଓଡ଼ିଆ ସାହିତ୍ୟ, କଳା ଓ ସଂସ୍କୃତିକୁ ମଜଭୁତ କରିଥାଏ। ମକର ପର୍ବ ସହିତ ଏହି ମହୋତ୍ସବ ଯୋଡ଼ି ହୋଇଥିବାରୁ ଏହାର ଗୁରୁତ୍ୱ ବଢ଼ି ଯାଇଛି ବୋଲି ସେ କହିଥିଲେ। ସରପଞ୍ଚ ଅରୁଣ କୁମାର ମହାନ୍ତି ଓ ସମିତିସଭ୍ୟା ରୁକ୍ମିଣୀ ନାୟକ ଅନ୍ୟତମ ଅତିଥି, ରର୍ବଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ହରିହର ବେହେରା, ଭାବଗ୍ରାହୀ ପଣ୍ଡା, ରତ୍ନାକର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମଧୁସୂଦନ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପରିଚାଳନା କରିଥିଲେ ଶିକ୍ଷକ ସୌମେନ୍ଦ୍ର ପଣ୍ଡୁଆ। ନାଟ୍ୟ ପରିଷଦ ସଭାପତି ସତ୍ୟବ୍ରତ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ ଓ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବତୀ ଅପହରଣ, ଜଣେ ଅଭିଯୁକ୍ତ ଗିରଫ

ହାଟଡିହୀ, ୨୧।୧(ଡି.ଏନ.ଏ.)

ସୋସୋ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ ଅଭିଯୋଗରେ ରବିବାର ଅକରୁଆ ଗ୍ରାମର କୁଲୁ ଯେନାଙ୍କୁ ପୋଲିସ ଗିରଫ କରିଛି। ଅପହରଣକାରୀଙ୍କ ସହଯୋଗୀ ହୋଇଥିବା ନେଇ କୁଲୁଙ୍କୁ ପୋଲିସ ଗିରଫ କରିଥିବା କୁହାଯାଉଛି। ଏକ ଅଭିଯୋଗ ନେଇ କୁଲୁ ଆନନ୍ଦପୁର ଥାନାକୁ ଯାଇଥିବା ବେଳେ ସେଠାରେ ପୋଲିସ ତାଙ୍କୁ ଅଟକ ରଖିଥିଲା। ପରେ କୁଲୁଙ୍କୁ ସୋସୋ ପୋଲିସରେ ଜିମା ଦିଆଯାଇଥିଲା। ଅଦ୍ୟାବଧି ଅପହରଣ ହୋଇଥିବା ଯୁବତୀଙ୍କର କୌଣସି ପତ୍ତା ପୋଲିସ ପାଇପାରିନି ଜଣାପଡ଼ିଛି। ଏ ନେଇ ଘଟଣା ଦିଗରେ ତଦନ୍ତ ଜାରି ରହିଥିବା ଆଇଆଇସି ମୁକ୍ତିକାନ୍ତ କୁଲୁ କହିଛନ୍ତି।

## ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

- ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁ ହଇରାଣ
- ପୁଣି ସୋମବାର ବିଦ୍ୟୁତ୍ କାଟ୍ ହେଲେ ଆନ୍ଦୋଳନ ଚେତାବନୀ

ଆରଡ଼ି, ୨୧।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଅସୁରାଳି ବିଦ୍ୟୁତ୍ ଡିଭିଜନ ପକ୍ଷରୁ ସୋମବାର ବିଦ୍ୟୁତ୍ କାଟ୍‌କୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ରବିବାର କେତେକ ଉପଭୋକ୍ତାଙ୍କ ମୋବାଇଲ ଫୋନକୁ ଏ ବିଷୟରେ ମେସେଜ କରି ଜଣାଇ ଦିଆଯାଇଥିଲା। ସୋମବାର ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ନେଇ ସୂଚନା ଦିଆଯାଇଥିଲା। ତେବେ ସୋମବାର ବିଦ୍ୟୁତ୍ କାଟ୍ ହେବାରୁ ଆରଡ଼ି ଓ ଏହା ଆଖପାଖ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ମାଘ ମାସର ପ୍ରଥମ ସୋମବାରରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଅଧିକ ହୋଇଥିଲା। ବିଦ୍ୟୁତ୍ କାଟ୍ ଯୋଗୁ ଜଳ ପ୍ରକଳ୍ପରୁ ପାଣି ଯୋଗାଣ ବନ୍ଦ ରହିଥିଲା। ଏଠାରେ ସୀମିତ ନଳକୂପ ଥିବାରୁ ଶ୍ରଦ୍ଧାଳୁମାନେ ପାଣି ପାଇଁ ହଇରାଣ ହୋଇଥିଲେ। ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାରୁ ଏଠାରେ ମଧ୍ୟ ପାଣି ନାହିଁ। ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀ, ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନଙ୍କ ଖାମଖିଆଲି ମନୋଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ସେବାୟତମାନେ ପ୍ରକାଶ କରିଛନ୍ତି। ପୁଣି ଆସନ୍ତା ସୋମବାର ବିଦ୍ୟୁତ୍ କାଟ୍ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଆରଡ଼ି ଆଖପାଖ ଅଞ୍ଚଳର ବିଭିନ୍ନ ଗାଁ ଲୋକେ ମଧ୍ୟ ସୋମବାରରେ ବିଦ୍ୟୁତ୍ କାଟ୍‌କୁ ବିରୋଧ କରିଛନ୍ତି। ବିଦ୍ୟୁତ୍ କାଟ୍ ହେବା ନେଇ ଉପଭୋକ୍ତାଙ୍କୁ ମେସେଜରେ ଦିଆଯାଉଥିବା ସୂଚନା ସମ୍ପୂର୍ଣ୍ଣ ଭୁଲ୍। ଯେତିକି ସମୟ ଲେଖାଯାଇଥାଏ ତାହାଠାରୁ ଅଧିକ ସମୟ ବିଦ୍ୟୁତ୍ କଟାଯାଇଥାଏ ବୋଲି କହିଛନ୍ତି ବରିଷ୍ଠ ସେବାୟତ ଗିରୀଶ ଚନ୍ଦ୍ର ପାଢ଼ୀ। ଏ ସମ୍ପର୍କରେ ଅସୁରାଳି ଡିଭିଜନ ଏସ୍‌ଡିଓ ମନୋରଞ୍ଜନ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ବିଦ୍ୟୁତ୍ କାଟ୍ ଯୋଗୁ ଆରଡ଼ିରେ ସମସ୍ୟା ଉପୁଜିଥିବ। ହେଲେ ଏହା ତାଙ୍କ ଡିଭିଜନରୁ ହୋଇ ନାହିଁ। ଗ୍ରୀଡ୍‌ରୁ ବିଦ୍ୟୁତ୍ କାଟ୍ ହୋଇଥିବାରୁ ସାରା ଜିଲାକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିବା ସେ କହିଥିଲେ।

■ ପୂରଣ ହେଉନି ଭିନ୍ନକ୍ଷମ ମଞ୍ଚର ଦାବି

## ହକ୍ ଲାଗି ଆନ୍ଦୋଳନ ଚେତାବନୀ

କପ୍ତିପଦା,୨୧।୧(ଡି.ଏନ.ଏ)

କପ୍ତିପଦା ବ୍ଲକ୍‌ରେ ରହୁଥିବା ଭିନ୍ନକ୍ଷମଙ୍କ ନିକଟରେ ସରକାରଙ୍କର ବିଭିନ୍ନ ଯୋଜନା ପହଞ୍ଚି ପାରୁ ନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କିଛି ସୁଫଳ ମିଳୁନି। ତେଣୁ ହକ୍ ଆଦାୟ କରିବାକୁ ହେଲେ ସଂଗ୍ରାମ ଓ ଆନ୍ଦୋଳନର ଆବଶ୍ୟକ ଅଛି ବୋଲି କପ୍ତିପଦା ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଞ୍ଜନ ଜେନା କହିଛନ୍ତି। ଯାହା ଫଳରେ ଭିନ୍ନକ୍ଷମ ମାନଙ୍କର ୪ ଦଫା ଦାବୀକୁ ନେଇ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଗୁରୁବାର ଏକ ପ୍ରତିନିଧି ଦଳ କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରା ପଣ୍ଡାଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଦାବୀଗୁଡିକ ମଧ୍ୟରେ ଭୂମିହୀନ ଭିନ୍ନକ୍ଷମଙ୍କୁ ଘରବାଡି ପଟ୍ଟା ପ୍ରଦାନ କରିବା, ବିନା ମୂଲ୍ୟରେ ଆୟ ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣ ପତ୍ର ଓ ଜାତି ପ୍ରମାଣ ପତ୍ର ଯୋଗାଇ ଦେବା, ଅବିବାହିତ ଭିନ୍ନକ୍ଷମ ଯୁବତୀଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନର ବ୍ୟବସ୍ଥା କରିବା ଓ ଭୂମିହୀନ ଭିନ୍ନକ୍ଷମ ବର୍ତ୍ତମାନ ଯେଉଁ ସ୍ଥାନରେ ବସବାସ କରୁଛନ୍ତି ସେମାନଙ୍କୁ ସେହି ସ୍ଥାନରେ ଘର ଡିହ ପଟ୍ଟା ପ୍ରଦାନ କରିବା ଆଦି ଦାବୀ ଅନ୍ତର୍ଭୁକ୍ତ ରହିଛି।

## ଅବସରକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨୧।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ପଞ୍ଚାୟତ ଡଗରପଡା ଗ୍ରାମସ୍ଥିତ କରୁଣାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପଦ୍ମନାଭ ଦାସ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏବିଇଓ ଅଭିମନ୍ୟୁ ପ୍ରଧାନ ମୁଖ୍ୟଅତିଥି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଏବଂ ସରପଞ୍ଚ କମଳ କୁମାର ନନ୍ଦ, ମନୋଜ ରାଉତରାୟ, ମଦନ ମୋହନ ପଣ୍ଡା, ପଟେଲ ସାହୁ, ପୁରୁଷୋତ୍ତମ ଧଳ, ଲକ୍ଷ୍ମୀଧର ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ପଣ୍ଡାଙ୍କ କର୍ମମୟ ଜୀବନର ବିଭିନ୍ନ କୀର୍ତ୍ତି ଓ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଶୋକ ବେହୁରିଆ ଅତିଥି ପରିଚୟ, ସରସ୍ୱତୀ ନାୟକ ସ୍ୱାଗତ ଭାଷଣ ଏବଂ ସୁରେଶ ସ୍ୱାଇଁ ମାନପତ୍ର ପାଠ କରିଥିଲେ। ପ୍ରଣତିପ୍ରଭା ନାୟକ ଧନ୍ୟବାଦ ଦେଇଥିଲେ।

## 'ସାହିତ୍ୟକୁ ଗ୍ରାମାଭିମୁଖୀ କର'



ଅତିଥିମାନେ ମାଟି ଫୁଲ ପତ୍ରିକାର ଉନ୍ମୋଚନ କରୁଛନ୍ତି।

କପ୍ତିପଦା,୨୧।୧(ଡିଏନ୍ଏ)

କପ୍ତିପଦା ବ୍ଲକ୍ ଅଧିନ ଶାଳଚୁଆ ସୁନେଇ ଡ୍ୟାମ୍ ନିକଟରେ ଅରଣ୍ୟକ ସାହିତ୍ୟ ସଂସଦର ନବବର୍ଷ ଆସର ଓ ''ମାଟିଫୁଲ'' ପତ୍ରିକା ଉନ୍ମୋଚିତ ହୋଇ ଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ସାହିତ୍ୟ ସଂସଦର ସମ୍ପାଦକ ତଥା ବିଶିଷ୍ଟ ଗାଳ୍ପିକ ବସନ୍ତ କୁମାର ରାଉଳ ସଭାପତିତ୍ୱ କରି ସାହିତ୍ୟକୁ ଗ୍ରାମାଭିମୁଖୀ କରି ପାଠକ ଓ ଲେଖକ ସୃଷ୍ଟି କରିବାର ଆବଶ୍ୟକତା ଓ ଅଭିଯାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଆଧ୍ୟାତ୍ମିକ ଗୁରୁ ବିଜୟ କୁମାର ବାରିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ଯୁବପିଢ଼ିଙ୍କୁ ସାହିତ୍ୟର ମୁଖ୍ୟସ୍ରୋତକୁ ଆସି ମାନବ, ସମାଜ ଓ ମାଧବର ସେବା କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ଗ୍ରାମାଭିମୁଖୀ ଫର୍ଦ୍ଦ ''ମାଟିଫୁଲ'' ତ୍ରୈମାସିକ ପତ୍ରିକାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏହାପରେ 'ନବବର୍ଷ କବିତା ଆସର'ରେ ଗଡ଼ିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବରିଷ୍ଠ ସାହିତ୍ୟିକ ରାଜେନ୍ଦ୍ର କୁମାର ସାମଲ ସାବଲୀଳ କବିତା ସଂଯୋଜନା କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚାନ୍ଦବାଲି, ୨୧।୧ (ଡି.ଏନ.ଏ.)

ଚାନ୍ଦବାଲି ଦୁର୍ଗା ପଡ଼ିଆରେ ୩ଦିନ ଧରି ଚାଲିଥିବା ଚାନ୍ଦବାଲି ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ନେତାଜୀ କ୍ଲବ ତରାସ ଗୋଲାଆଡ଼ିଆ ଟିମ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଚାନ୍ଦବାଲି ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ରଘୁନାଥ ସାହୁ ଓ ସମ୍ପାଦକ ପ୍ରଭାସ ଶୁଭଦର୍ଶନ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଷୀରୋଦ ଥାଟୋଇ, ସୁଧୀର ମହାନ୍ତି, ପ୍ରିନ୍ସ ରାକେଶ ନାୟକ, ରାଜକିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି ଫୁଟବଲ ଆସୋସିଏଶନ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଅବଦାନ ପାଇଁ ଜଗମୋହନ ସାହୁଙ୍କ ସହ ଅନ୍ୟ ୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଅସନବଣି ସ୍ୱାସ୍ଥ୍ୟ ଉପକେନ୍ଦ୍ର

# ସ୍ୱାସ୍ଥ୍ୟ କର୍ମୀଙ୍କ ଦେଖା ମିଳୁନି

- ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ
- ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

କପ୍ତିପଦା,୨୧।୧(ଡି.ଏନ୍.ଏ.)

କପ୍ତିପଦା ବ୍ଲକ୍ ଅଧୀନ ପିଙ୍ଗୁ ପଞ୍ଚାୟତରେ ଥିବା ଅସନବଣି ସ୍ୱାସ୍ଥ୍ୟ ଉପକେନ୍ଦ୍ର ୪ ବର୍ଷ ହେବ ନିର୍ମିତ ହୋଇଥିବା ବେଳେ ଦୀର୍ଘଦିନ ହେଲା ସ୍ୱାସ୍ଥ୍ୟକର୍ମୀ ପଦବୀ ଫାଙ୍କା ପଡିଛି। ଦାୟିତ୍ୱରେ ଥିବା ଅତିରିକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ କେନ୍ଦ୍ରରେ ରହୁ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହେଉଛି।

ଏହି ଉପକେନ୍ଦ୍ର ଅଧୀନରେ ଫୁଲବାଡିଆ, ଡାଙ୍ଗରଚୁଆ, ବଡ଼ଝାଡ଼, ଅସନବଣି, ଗଡିଆପାଳ ଓ ଚୁଇଁପୋଷି ରାଜସ୍ୱ ଗ୍ରାମର ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ମାତ୍ର ଏହି ଉପକେନ୍ଦ୍ରର ଅତିରିକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ କେନ୍ଦ୍ରରେ ରହୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହା ଫଳରେ ଲୋକମାନେ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ପୂର୍ବରୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନ ଥିବା ବେଳେ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହା ନିର୍ମାଣ ସରିଛି। ଏଥିପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାପରେ ମଧ୍ୟ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଉପକେନ୍ଦ୍ରରେ ରହୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିବା ନମ୍ବରରେ ଯୋଗାଯୋଗ କଲେ ତାହା ସମ୍ଭବ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ଗ୍ରାମବାସୀ କପ୍ତିପଦା ଗୋଷ୍ଠୀ ଚିକିତ୍ସାଧିକାରୀ, ଜିଲା ଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରିଛନ୍ତି। ସମୟ ସମୟରେ ମହିଳା ସ୍ୱାସ୍ଥ୍ୟକର୍ମୀ କେନ୍ଦ୍ରକୁ ଆସୁଥିବା ବେଳେ ବର୍ଷ ବର୍ଷ ଧରି କେନ୍ଦ୍ରଟିରେ ତାଲା ଝୁଲୁଛି। ଯାହା ଫଳରେ ଏହି ସମସ୍ୟା ଜନ ଆନ୍ଦୋଳନର ରୂପ ନେବାକୁ ବସିଛି। କେବଳ ଅସନବଣି ନୁହଁ, ଏହି ବ୍ଲକ ଅଧୀନରେ ଥିବା ଗୌରଚନ୍ଦ୍ରପୁର, ନୁଟୋ, ଜାମବଣି, କଳମଗଡିଆ, ପୁରୁଣାପାଣି ଓ ଦେୱାନବାହାଲୀ କେନ୍ଦ୍ରରେ ମଧ୍ୟ ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀଟି ଫାଙ୍କା ପଡିଛି। ଗୌରଚନ୍ଦ୍ରପୁରରେ ପଦବୀ ସମ୍ପୂର୍ଣ୍ଣ ଫାଙ୍କା ପଡିଥିବା ବେଳେ ଅନ୍ୟ କେନ୍ଦ୍ରଗୁଡିକରେ ନିକଟସ୍ଥ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଏନଆରଏଚଏମର ଅତିରିକ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଏହି ଦାୟିତ୍ୱ ତୁଲାଉଛନ୍ତି। ଯାହା ଫଳରେ ସେହି ଅଞ୍ଚଳରେ ମଧ୍ୟ ଲୋକେ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଅସନବଣି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କପ୍ତିପଦା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବୈକୁଣ୍ଠନାଥ ଦାଉଁଡିଆଙ୍କୁ ପଚାରିବାରୁ ସେ କହନ୍ତି, ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ। ଜିଲା ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବିଶ୍ୱରଞ୍ଜନ ରାଉତଙ୍କୁ ପଚାରିବାରୁ ଆଗାମୀ ୧୫ ଦିନ ମଧ୍ୟରେ କିଛି ନୂତନ ନିଯୁକ୍ତି ହେବାର ଅଛି। ତେଣୁ ସେହି ଫେଜରେ କିଛି ଫାଙ୍କା ପଦବୀ ପୂରଣ ହେବ। ସେଥିପ୍ରତି ମୁଁ ଦୃଷ୍ଟି ଦେବି ବୋଲି କହିଛନ୍ତି।



ଅସନବଣୀ କେନ୍ଦ୍ରରେ ତାଲା ଝୁଲୁଛି।

# ବିଦ୍ୟୁତ୍ ସେବା ଦାବିରେ ରାସ୍ତାରୋକୋ



ରାସ୍ତାରୋକୋ ଫଳରେ ଗାଡିଗୁଡିକ ଅଟକି ରହିଛି।

**ବାରିପଦା ଅଫିସ,୨୧।୧**

ବାରିପଦା ସଦର ଥାନା ଅନ୍ତର୍ଗତ ଗୁଞ୍ଜାସାହି ଗ୍ରାମବାସୀଙ୍କ ନିମନ୍ତେ ବିଜୁଳି ସ୍ୱପ୍ନ ପାଲଟିଛି। ବହୁବାର ଅଭିଯୋଗ ପରେ ବି କିଛି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ସୋମବାର ରାସ୍ତାରୋକୋ କରିଛନ୍ତି। ଉତ୍ତ୍ୟକ୍ତ ମହିଳାମାନେ ବାରିପଦା –ଅମର୍ଦ୍ଦା ରାଜ୍ୟ ରାଜପଥକୁ ସକାଳୁ ଟାୟାର ଜାଳି ଅବରୋଧ କରିଛନ୍ତି। ଗୁଞ୍ଜାସାହି ଓ ହେସେଲଡିହିଙ୍କ ନିକଟରେ ଏ ପର୍ଯ୍ୟନ୍ତ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାଛଡା ଅନ୍ଧାରର ସୁଯୋଗ ନେଇ ଗାଁରେ ହାତୀ ଉପଦ୍ରବ ବୃଦ୍ଧି ପାଉଛି। ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯିବା ପରେ ମଧ୍ୟ ବନ ବିଭାଗ ନିରବ ରହିଛି। ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର କ୍ଷତିପୂରଣ ମିଳୁ ନ ଥିବା ନେଇ ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାସ୍ଥଳରେ ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଓ ନେସ୍କୋର ଏସଡିଓ ଏନଏସ ସେଠି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟା ପରେ ଏହି ରାସ୍ତାରୋକୋ ହଟିଥିଲା।

## ବାଇକ୍ ଧକ୍କାରେ ହୋମଗାର୍ଡଙ୍କ ମୃତ୍ୟୁ

**ବାରିପଦା ଅଫିସ,୨୧।୧**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧିନରେ କାର୍ଯ୍ୟ କରୁଥିବା ହୋମଗାର୍ଡ ଅନନ୍ତ ପ୍ରସାଦ ମଣ୍ଡଳ (୪୩)ଙ୍କର ସୋମବାର ଏକ ବାଇକ୍ ଧକ୍କାରେ ମୃତ୍ୟୁ ହୋଇଛି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୋମବାର ଅନନ୍ତ ବାଙ୍କବଣଠାରେ ପାଟ୍ରୋଲିଂ କରୁଥିଲେ। ଉକ୍ତ ସମୟରେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଆକାଶ କୁମାର ପଣ୍ଡା ଦ୍ରୁତ ଗତିରେ ଆସି ଅନନ୍ତଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣା ନେଲା ଜୀବନ

**ଯୋଡ଼ା, ୨୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଦାମପୁର ରାସ୍ତାରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ କୃପା ମହାକୁଡ ଓ ଆହତ ଜଣଙ୍କ ହେଲେ ଶଙ୍କର ଲୋହାର। ସେମାନଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନିଆଯାଥିଲେ ହେଁ ଡାକ୍ତର ସେଠାରେ କୃପାଙ୍କୁ ମୃତ ଘୋଷଣା କରିଥିଲେ।

## ପୁଣି ମାଙ୍କଡ଼ କାମୁଡ଼ାରେ ୨ ଆହତ

**ସୋର, ୨୧।୧(ଡ଼ି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଦହିସଡ଼ା ଗ୍ରାମରେ ଏକ ପାଗଳ ମାଙ୍କଡ଼ କାମୁଡାରେ ଦୁଇ ଜଣ ଆହତ ହୋଇଛନ୍ତି। ଗତ ଏକ ସପ୍ତାହେ ତଳେ ଏହି ମାଙ୍କଡ଼ କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ବନବିଭାଗ କର୍ମଚାରୀମାନେ ପହଞ୍ଚି ମାଙ୍କଡ଼କୁ ଧରିପାରି ନ ଥିଲେ । ରବିବାର ମାଙ୍କଡ଼ କାମୁଡ଼ାରେ ଶରତ ମଳିକ ଓ ଅନ୍ୟଜଣେ ଆହତ ହୋଇଛନ୍ତି। ବନବିଭାଗ ତରଫରୁ କର୍ମଚାରୀ ପହଞ୍ଚି ମାଙ୍କଡ଼କୁ ଧରିବା ପାଇଁ ଜଗି ବସିଛନ୍ତି ।

# ଭାଲୁ ଆକ୍ରମଣରେ ୩ ଗୁରୁତର

**କେନ୍ଦୁଝର/ତେଲକୋଇ, ୨୧।୧(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୂଦନପୁର ଜୁଆଙ୍ଗ ବସ୍ତିରେ ସୋମବାର ଭାଲୁ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ରତାପ ପ୍ରଧାନ (୩୩) ତାଙ୍କ ସ୍ତ୍ରୀ ଗୁରୁବାରୀ(୨୫) ଏବଂ ଅନ୍ୟ ଜଣେ ପଠାଣୀ ନାଏକ (୫୦)। ସେମାନଙ୍କୁ ପ୍ରଥମେ ତେଲକୋଇ ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଯାଇଥିଲା।

ସେମାନେ ଗ୍ରାମ ନିକଟ ସୋମାକୋଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରୁ ଗାଧୋଇ ଫେରୁଥିବା ବେଳେ ୪ଟି ଭାଲୁ ହାବୁଡରେ ପଡିଯାଇଥିଲେ। ଗୋଟିଏ ଭାଲୁ ଗୁରୁବାରୀଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ଉଦ୍ଧାର କରିବାକୁ ଯାଇ ପ୍ରତାପଙ୍କ ହାତକୁ ଭାଲୁ କାମୁଡି ଦେଇଥିଲା। ଅନ୍ୟ ଏକ ଭାଲୁ ପଠାଣୀକୁ ଆକ୍ରମଣ କରିଥିଲା। ପାଟି କରିବା ପରେ ଭାଲୁ ପଲ ନିକଟ ଜଙ୍ଗଲକୁ ଚାଲିଯାଇଥିଲେ। ଭାଲୁ ଆକ୍ରମଣ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ଦେଖା ଦେଇଛି। ବନ ବିଭାଗ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା ସହ ଲୋକଙ୍କୁ ସୁରକ୍ଷା ଦେବାକୁ ଦାବି ହୋଇଛି।









## ସଂକ୍ଷେପରେ

### ଯୁବତୀ ଅପହରଣ, ଜଣେ ଅଭିଯୁକ୍ତ ଗିରଫ

**ହାଟଡିହୀ, ୨୧।୧(ଡି.ଏନ.ଏ.):** ସୋସୋ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ ଅଭିଯୋଗରେ ରବିବାର ଅକରୁଆ ଗ୍ରାମର କୁଲୁ ଯେନାଙ୍କୁ ପୋଲିସ ଗିରଫ କରିଛି। ଅପହରଣକାରୀଙ୍କ ସହଯୋଗୀ ହୋଇଥିବା ନେଇ କୁଲୁଙ୍କୁ ପୋଲିସ ଗିରଫ କରିଥିବା କୁହାଯାଉଛି। ଏକ ଅଭିଯୋଗ ନେଇ କୁଲୁ ଆନନ୍ଦପୁର ଥାନାକୁ ଯାଇଥିବା ବେଳେ ସେଠାରେ ପୋଲିସ ତାଙ୍କୁ ଅଟକ ରଖିଥିଲା। ପରେ କୁଲୁଙ୍କୁ ସୋସୋ ପୋଲିସରେ ଜିମା ଦିଆଯାଇଥିଲା। ଅଦ୍ୟାବଧି ଅପହରଣ ହୋଇଥିବା ଯୁବତୀଙ୍କର କୌଣସି ପତ୍ତା ପୋଲିସ ପାଇପାରିନି ଜଣାପଡ଼ିଛି। ଏ ନେଇ ଘଟଣା ଦିଗରେ ତଦନ୍ତ ଜାରି ରହିଥିବା ଆଇଆଇସି ମୁକ୍ତିକାନ୍ତ କୁଲୁ କହିଛନ୍ତି।

### ଜାତୀୟ ନିରାପତ୍ତା ପ୍ରଶିକ୍ଷଣ

**ପାଟଣା, ୨୧।୧(ସ୍ୱ.ପ୍ର.):** ପାଟଣା ଅଗ୍ନିଶମ ବିଭାଗ ତରଫରୁ ସୋମବାର ଜାତୀୟ ନିରାପତା ଦିବସ ଅବସରରେ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ସହକାରୀ ଶିକ୍ଷକ ସାନ୍ତନୁ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଷ୍ଟେଶନ ପ୍ରରିଚାଳକ ମନରଞ୍ଜନ ମହାନ୍ତ, ଚନ୍ଦ୍ରାଇ ସୋରେନ, ଜତୀନ୍ଦ୍ର ଭୋଇ, ରାଇସେନ ମାରାଣ୍ଡି, ଦେବେନ୍ଦ୍ର ମହାନ୍ତ, ସୁମନ୍ତ ସାମଲ, ଅରୁଣ ରାଉତ ଓ ସୁଜିତ ସେଠୀ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଆତ୍ମସୁରକ୍ଷା ସହ ଉଦ୍ଧାର କାର୍ଯ୍ୟ କରି ହେବ ସେନେଇ ଛାତ୍ରୀଛାତ୍ରଙ୍କୁ କୌଶଳ ପ୍ରଦର୍ଶନ କରିଥିଲେ। ଶିକ୍ଷକ ରମାରଞ୍ଜନ ପତି, ଲକ୍ଷ୍ମୀଧର ମହାନ୍ତ, ପତାପ ଚନ୍ଦ୍ର ମହାନ୍ତ ଓ ଦୀନବନ୍ଧୁ ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ପରିବାର ନିୟୋଜନ ଅସ୍ତ୍ରୋପଚାର

**କେନ୍ଦୁଝର, ୨୧।୧(ସ୍ୱ.ପ୍ର.):** ଜିଲା ମୁଖ୍ୟ ଡାକ୍ତରଖାନାକୁ ସୋମବାର ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳା ଚିକିତ୍ସାରେ ବିଳମ୍ବ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କୁ ମାଗଣାରେ ଡାକ୍ତରଖାନା ଆଣିବା ଓ ଅସ୍ତ୍ରୋପଚାର ପରେ ଘରେ ଛାଡିବା ବ୍ୟବସ୍ଥା ରହିଛି। ମହିଳାମାନେ ନିଜ ବ୍ୟବସ୍ଥାରେ ଆସିଥିଲେ। ଅସ୍ତ୍ରୋପଚାର ଲାଗି ବହୁ ଘଣ୍ଟା ଅପେକ୍ଷା କରିବାକୁ ପଡିଥିଲା। କାମଧନ୍ଦା ଛାଡି ଆସିଥିବା ମହିଳା ହଇରାଣ ହୋଇଥିଲେ। ଦୂରଦୂରାନ୍ତରୁ ଆସୁଥିବା ମହିଳା ଫେରିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା।

### ଚାଷୀଙ୍କ ମୁହଁରେ ହସ ଫୁଟିବ

**ଆନନ୍ଦପୁର,୨୧। ୧(ସ୍ୱ.ପ୍ର.):** ଆନନ୍ଦପୁର ରେମାଳ ପ୍ରକଳ୍ପ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଘସିପୁରା ବ୍ଲକ ବାଲିପାଳ ହାଟପଡିଆରେ ଅନୁଷ୍ଠିତ ହୋଇଯାଇଛି। ରେମାଳ ପ୍ରକଳ୍ପ ପାଣି ପଞ୍ଚାୟତ ସଭାପତି ଚକ୍ରଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣ ଏବଂ ଏହାର ସୁପରିଚାଳନା କରାଯାଇପାରିଲେ ଚାଷୀ ମୂହଁରେ ହସ ଫୁଟିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର, ଶାଳପଡା ବୈତରଣୀ ଡିଭିଜନର ନିର୍ମାଣ ଯନ୍ତ୍ରୀ ସୁବ୍ରତ ଦାସ, ନିର୍ବାହୀ ଯନ୍ତ୍ରୀ ବିନୋଦ ପଟ୍ଟନାୟକ, ଜିଲା କୃଷି ଅଧିକାରୀ କମଳ ନାୟକ, ପାଣି ପଞ୍ଚାୟତ ଅଧିକାରୀ ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଶରତ ଜେନା ପରିଚାଳନା କରିଥିଲେ। ପାଣି ପଞ୍ଚାୟତ ସମ୍ପାଦକ କୃଷ୍ଣ ଚନ୍ଦ୍ର ରାଉତ ବିବରଣୀ ପାଠ କରିଥିଲେ।

### ଆବର୍ଜନା ପକାଇବା ନେଇ ବିରୋଧ

**କେନ୍ଦୁଝର, ୨୧।୧ (ସ୍ୱ.ପ୍ର.):** କେନ୍ଦୁଝର ସହରର ଆବର୍ଜନା ପରିଚାଳନା ଠିକ ଭାବେ ହାଇପାରୁନି। ସହରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସୋମବାର ପୌରପାଳିକା ପକ୍ଷରୁ ଆବର୍ଜନା ପକାଇବା ପାଇଁ ନୂତନ ଭାବେ ଧୂପଦାଠାରେ ଜାଗା ଚିହ୍ନଟ ହୋଇଥିଲା। ସେଠାରେ ବିରୋଧ ହେବାରୁ ଡାଙ୍ଗରପଡ଼ାସ୍ଥିତ ଶ୍ମଶାନରେ ପକାଯାଇଥିବା ଜଣାପଡିଛି। ସେଠାରେ ମଧ ତୀବ୍ର ବିରୋଧ ହେବାରୁ ମଇଳା ଆବର୍ଜନା ବୋଝେଇ ଟ୍ରାକ୍ଟର ପୌରପାଳିକା କାର୍ଯ୍ୟାଳୟ ଆଗରେ ଛିଡା ହୋଇ ରହିଥିଲା। ଏ ନେଇ ସହରରେ ଚାପା ଉତ୍ତେଜନା ଦେଖାଦେଇଛି। ପୌରପାଳିକା କାର୍ଯ୍ୟାଳୟ ପରିସରର ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି।

# ଅର୍ଥ ହଡ଼ପ ଲାଗି ମସୁଧା

- ତାଲିକାରେ ହେର୍‌ଫେର୍ ଅଭିଯୋଗ
- ତଦନ୍ତ ଦାବି କଲେ ପଞ୍ଚାୟତ ଲୋକ ପ୍ରତିନିଧି

**କେନ୍ଦୁଝର, ୨୧।୧(ସ୍ୱ.ପ୍ର.)**



ଅଭିଯୋଗ କରିବାକୁ ଆସିଥିବା ୱାର୍ଡମେମ୍ବର।

ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତରେ ବାର୍ଷିକ ପ୍ରକଳ୍ପ ତାଲିକାରେ ହେରଫେର କରି ଅର୍ଥ ହଡ଼ପ ଲାଗି ମସୁଧା କରାଯାଇଥିବା କେତେକ ୱାର୍ଡ ମେମ୍ବର ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଭାଲୁପାହାଡ଼ି ବନ୍ଧ ପୁନରୁଦ୍ଧାର କାମ ପାଇଁ ୬୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ବୈଠକରେ ଆଲୋଚନା ହୋଇ ପ୍ରସ୍ତାବ ଗୃହିତ ହୋଇଥିଲା। ପରବର୍ତ୍ତୀ ସମୟରେ ସରପଞ୍ଚ, ୱାର୍ଡମେମ୍ବର ଓ ଅନ୍ୟମାନଙ୍କୁ ସୂଚିତ ନ କରି ପ୍ରକଳ୍ପ ତାଲିକା ଦ୍ୱାରା ତଞ୍ଚକତା କରି ଉକ୍ତ କାମରେ କେନାଲ କାମ ଯୋଡି ବ୍ୟୟ ଅଟକଳ ୨ ଲକ୍ଷ ୮୦ ହଜାର କରାଯାଇଥିବା ଅଭି;ଯୋଗ ହୋଇଛି। ବନ୍ଧ ଓ କେନାଲ କାମ ବିଭାଗ ଦ୍ୱାରା କରାଯାଉଥିବା ବେଳେ ଜଣେ ଠିକାଦାର କାର୍ଯ୍ୟ କରୁଛନ୍ତି। ହେରଫେର କରି ଉକ୍ତ କାମ ପାଇଁ କିପରି ଅଧିକ ଟଙ୍କା ମଞ୍ଜୁର ହେଲା ତାହାର ତଦନ୍ତ ଲାଗି ସରପଞ୍ଚ ସୁନୀତା ନାଏକ ଦାବି କରିଛନ୍ତି। ଅଭିଯୋଗରେ ସତ୍ୟତା ଥାଏ ତେବେ ଏହା ବେଆଇନ ବୋଲି ମତପ୍ରକାଶ ପାଉଛି।

ଏ ନେଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଆନନ୍ଦ ଚରଣ ପଣ୍ଡା କହିଛନ୍ତି ଯେ, ମୋ ସମୟରେ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇନାହିଁ। ତାଲିକା ବ୍ୟୟ ଅଟକଳରେ ପରିବର୍ତ୍ତନ ବିଷୟରେ ଜାଣିନାହିଁ। ୱାର୍ଡ ମେମ୍ବରମାନେ ଉକ୍ତ କାମ କରିବାକୁ ଚାହୁଁ ଥିଲେ ନ ପାଇବାରୁ ଏଭଳି ଅଭିଯୋଗ କରୁଛନ୍ତି। ଏହି ହେରଫେର କାମ ପଛରେ ଠିକାଦାର ଓ ଅସାଧୁ କର୍ମଚାରୀଙ୍କ ହାତ ଥିବା ୱାର୍ଡମେମ୍ବରମାନେ ସନ୍ଦେହ କରି ତଦନ୍ତ ଦାବି କରିଛନ୍ତି। ୱାର୍ଡ ମେମ୍ବର ଲକ୍ଷ୍ମୀପ୍ରିୟା ସାହୁ, ଚିତ୍ତରଞ୍ଜନ ମହାନ୍ତ, ଯଶୋଦା ମହାନ୍ତ, ଶୈଳେନ୍ଦ୍ର ଗିରି, ଶକୁନ୍ତଳା ପାତ୍ର, ମାଳତୀଲତା ମହାନ୍ତ ସମେତ ୧୪ ଜଣ ୱାର୍ଡ ମେମ୍ବର ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ଅଗ୍ନି ବିପନ୍ନଙ୍କୁ ମିଳିଲା ସହାୟତା



ବିପନ୍ନଙ୍କୁ ସହାୟତା ଦିଆଯାଉଛି।

**ହାଟଡିହୀ, ୨୧।୧(ଡି.ଏନ.ଏ.)**

ହାଟଡିହୀ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସାବିତ୍ରୀ ସେଠୀ, ବ୍ଲକ ବିଜେଡି ସମ୍ପାଦକ ଅଭିମନ୍ୟୁ ସେଠୀ ବଞ୍ଜୋ ଗ୍ରାମରେ ପହଞ୍ଚି ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ ମଧ ସହାୟତା ପ୍ରଦାନ କରିଛନ୍ତି। ଗ୍ରାମର ୬ ପରିବାର ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କାର ଧନ ସମ୍ପତ୍ତି ପୋଡି ଯାଇଥିଲା। ଅଗ୍ନି ବିପନ୍ନ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

■ ରାସ୍ତା ନାହିଁ, ସ୍ୱାସ୍ଥ୍ୟସେବା ଅପହଞ୍ଚ

# ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ



ଷ୍ଟ୍ରେଚରରେ ବୁହା ହୋଇ ଗର୍ଭବତୀଙ୍କୁ ନିଆଯାଉଛି।

**କେନ୍ଦୁଝର, ୨୧।୧(ସ୍ୱ.ପ୍ର.)**

ରାସ୍ତା ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ସୋମବାର ଜଣେ ଗର୍ଭବତୀ ମହିଳାଙ୍କୁ ଦୀର୍ଘ ୪ କି.ମି. ଷ୍ଟ୍ରେଚରରେ ବୁହା ହୋଇ ଆମ୍ବୁଲାନ୍ସ ପାଖକୁ ଅଣାଯିବା ଘଟଣା ଚର୍ଚ୍ଚା ବିଷୟ ହୋଇଛି। କେନ୍ଦୁଝର ଜିଲା ଆଦିବାସୀ ବହୁଳ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇଛି। ରାସ୍ତା ପାର ପରେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ଉକ୍ତ ମହିଳାଙ୍କ ଘର ବାଂଶପାଳ ବ୍ଲକ ଉପରରାଇଗୋଡ଼ା ପଞ୍ଚାୟତ ଛଡାଡିହୀ ମୁଣ୍ଡାସାହି। ତାଙ୍କ ନାମ ନୀତିମା ମୁଣ୍ଡା।

ସକାଳେ ହଠାତ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ନେବାକୁ ପ୍ରସ୍ତୁତ ହୋଇଥିଲେ। ଏ ନେଇ ଆମ୍ବୁଲାନ୍ସ ପାଇଁ ଫୋନ କରିଥିଲେ। ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଅଧାବାଟରେ ଅଟକି ଗଲା। ଗର୍ଭବତୀଙ୍କୁ ପାଖାପାଖି ୪ କି.ମି. ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପାଖକୁ ନେବାକୁ ପଡିଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ଡା. ଭକ୍ତ ଚରଣ ପ୍ରଧାନଙ୍କୁ ପଚାରିବାରୁ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ନଳକୂପ ଅଚଳ, ମରାମତି ନାହିଁ

**ହାଟଡ଼ିହୀ, ୨୧।୧(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଢ଼େଙ୍କା ପଞ୍ଚାୟତରେ ଅଚଳ ହୋଇପଡ଼ିଥିବା ନଳକୂପକୁ ମରାମତି କରାଯାଉ ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ନଳକୂପ ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧା ଭୋଗୁଛନ୍ତି। ନଳକୂପ ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ବ୍ଲକ ପ୍ରଶାସନ ନିକଟରେ ୫୦ ହଜାର ଟଙ୍କା ଜମା ହୋଇଥିଲା। ପ୍ରଶାସନ ପକ୍ଷରୁ ଅଚଳ ନଳକୂପ ଗୁଡ଼ିକ ମରାମତି କରାଯାଉନାହିଁ। ଏ ନେଇ ବହୁବାର ପଞ୍ଚାୟତ ଓ ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଝଣଝଣା ମଝିସାହି, ଢେଙ୍କା ହାଟସାହି, ବଡ଼ଢ଼େଙ୍କା, ସଙ୍ଗମ, ପାତ୍ରସାହି, ବୀଣାପାଟିଆ, ରାଇନଟା, ପେଟେଇଶୁଣୀ ସାହି, ସୁନ୍ଦରପୁର ଆଦି ସ୍ଥାନରେ ନଳକୂପ ଗୁଡ଼ିକ ଅଚଳ ହୋଇପଡ଼ିଛି। ସରପଞ୍ଚ ନିମାଇଁ ସାମଲଙ୍କୁ ପଚାରିବାରୁ ପଞ୍ଚାୟତର ସମସ୍ତ ନଳକୂପ ଗୁଡ଼ିକ ମରାମତି କରିବାକୁ ବ୍ଲକ ପ୍ରଶାସନ ନିକଟରେ ଅର୍ଥ ଜମା କରିଛୁ। ମରାମତି କରାଯାଉନି ବୋଲି ସେ କହିଛନ୍ତି। ଅଚଳ ନଳକୂପ ମରାମତି କରାଯାଉ ନ ଥିବା ଜୟଦେବ ଦେହୁରି, ମଙ୍ଗୁଳି ଜେନା, ସଞ୍ଜୟ ବେହେରା, ବୈକୁଣ୍ଠ ପଲେଇ ପ୍ରମୁଖ ଦାବି କରିଛନ୍ତି।

■ ପାୱାର ଟ୍ରାନ୍ସଫର୍ମର ପୋଡ଼ିଗଲା

# ହଇରାଣ ହେଉଛନ୍ତି ଉପଭୋକ୍ତା

**ଝୁମ୍ପୁରା, ୨୧।୧(ଡି.ଏନ.ଏ.)**

ଝୁମ୍ପୁରା ନେସ୍କୋ ସେକଶନ କାର୍ଯ୍ୟାଳୟ ନିକଟରେ ଥିବା ଷ୍ଟ୍ରକଚରର ଗୋଟିଏ ପାୱାର ଟ୍ରାନ୍ସଫର୍ମର ପୋଡି ଯାଇଛି। ୧ ମାସ ବିତିଲାଣି। ନେସ୍କୋ କର୍ତ୍ତୃପକ୍ଷ ପାୱାର ଟ୍ରାନ୍ସଫର୍ମର ବଦଳାଉ ନାହାନ୍ତି। ଏ ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧରେ ଅସନ୍ତୋଷ କୁହୁଳିଛି। ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ମନମାନୀ କରାଯାଉଥିବା ୧୭ ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରାଙ୍କ ସହ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଝୁମ୍ପୁରା ବିଦ୍ୟୁତ୍ ଷ୍ଟ୍ରକଚରରେ ୫ ଏମଭିଏ ଏବଂ ୩.୧୫ ଏମଭିଏର ୨ଟି ପାୱାର ଟ୍ରାନ୍ସଫର୍ମର ଲାଗିଛି। ୩.୧୫ ଏମଭିଏ ପାୱାର ଟ୍ରାନ୍ସଫର୍ମର ଗତ ୧୮ରେ ପୋଡିଯାଇଛି। ଉକ୍ତ ପାୱାର ଟ୍ରାନ୍ସଫର୍ମର ଉପରେ ଝୁମ୍ପୁରା ଅଞ୍ଚଳର ୩ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ହଇରାଣ ହେଉଛନ୍ତି। ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡୁଛି। ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି।

ପାୱାର ଟ୍ରାନ୍ସଫର୍ମର ବଦଳାଯିବା ସମ୍ପର୍କରେ ଝୁମ୍ପୁରା ନେସ୍କୋ ଯନ୍ତ୍ରୀ ଲମ୍ବୋଦର ବାରିକଙ୍କୁ ପଚାରିବାରୁ ଆମେ ରିପୋର୍ଟ କରିଛୁ। ଟ୍ରାନ୍ସଫର୍ମର ଆସିଲେ ବଦଳାଯିବ ବୋଲି ସେ କହିଛନ୍ତି। କେନ୍ଦୁଝରସ୍ଥିତ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସଙ୍କୁ ପଚାରିବାରୁ ପାୱାର ଟ୍ରାନ୍ସଫର୍ମର ପୋଡିନାହିଁ। ମରାମତିର ଆବଶ୍ୟକତା ରହିଛି। ଶିଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।

# ଜମି ଅକ୍ତିଆରକୁ ଆଦିବାସୀଙ୍କ ବିରୋଧ

**ଯୋଡ଼ା, ୨୧।୧(ଡି.ଏନ.ଏ.)**

ଯୋଡ଼ା ବ୍ଲକ ଚମ୍ପୁଆ ଥାନା ମୁରୁସୁଆଁ ଗ୍ରାମରେ ସୋମବାର କାନପୁର ପ୍ରକଳ୍ପ ଅଧିକାରୀ ବିସ୍ଥାପିତ ଚାଷଜମିକୁ ଅକ୍ତିଆର କରିବାକୁ ଆସିଥିଲେ। ଏହାକୁ ବିସ୍ଥାପିତ ଆଦିବାସୀ ଦଳିତ ମହିଳା ବିରୋଧ କରିଥିଲେ। କାନପୁର ବୃହତ ଜଳ ସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଚମକପୁର ଓ ମୁରୁସୁଆଁ ଗ୍ରାମର ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଅନୁଯାୟୀ କ୍ଷତି ପୂରଣ ମିଳିନି। ପ୍ରକଳ୍ପ ପକ୍ଷରୁ ଚାଷଜମିକୁ ନିଜ ଅକ୍ତିଆରକୁ ନେବାକୁ ପ୍ରୟାସ କରାଯାଉଛି। ଏ ନେଇ ଚମକପୁର ଓ ମୁରୁସୁଆଁ ଗ୍ରାମର ବିସ୍ଥାପିତ ବିରୋଧ କରୁଛନ୍ତି। ଗତ ୧୭।୦୧।୨୦୧୯ରେ ଉକ୍ତ ଜମି ଅକ୍ତିଆରକୁ ବିରୋଧ କରାଯାଇଥିଲା। ଏ ନେଇ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ନେଇ କୌଣସି ଆଲୋଚନା ହୋଇ ନ ଥିଲା। ଝୁମ୍ପୁରା ଥାନା ଆଇଆଇସି ଅର୍ଚ୍ଚନା ମଲିକ୍‌ଙ୍କ ସହ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ଓ କାନପୁର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ବଡବିଲ୍ ଅତିରିକ୍ତ ତହସିଲଦାର ମନୋରଞ୍ଜନ ଦେଓଙ୍କ ଉପସ୍ଥିତିରେ ଜମି ଅକ୍ତିଆର ପାଇଁ ଉଦ୍ୟମ ହୋଇଥିଲା। ବିସ୍ଥାପିତ ଏହାକୁ ବିରୋଧ କରିଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

**ଯୋଡ଼ା, ୨୧।୧(ଡି.ଏନ.ଏ.)**



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଯୋଡ଼ା ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଏସପି ଜୟନାରାୟଣ ପଙ୍କଜ, କେନ୍ଦୁଝର ସିଡିଏମଓ ଡ. ସ୍ୱରୂପ ଚୌଧୁରୀ, ଯୋଡ଼ା ବ୍ଲକ ଅଧକ୍ଷା ସୁକୁମାରୀ ଦେହୁରି, ଯୋଡ଼ା ବ୍ଲକ ବିଡିଓ ଦାୟିତ୍ୱରେ ଥିବା ବଡ଼ବିଲ୍ ତହସିଲଦାର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ୨୮ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶୁଣାଣିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି, ସାଧାରଣ ବଣ୍ଟନ, ପାନୀୟ ଜଳ ଯୋଗାଣ ସମସ୍ୟା ଉପରେ ପର୍ଯ୍ୟବେସିତ ହୋଇଥିଲା।

ଯୋଡ଼ା ବସ୍ତିର ଉପମା ନାଏକ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିବାର ୧୮ ବର୍ଷ ବିତି ଯାଇଥିଲେ ହେଁ ଅଦ୍ୟାବଧି ପୁଅକୁ କାମ ଦିଆଯାଇନାହିଁ। ଯୋଡା ବସ୍ତିବାସିନ୍ଦା ଅଭିଯୋଗ କରିଥିଲେ ଯେ, କାରଖାନା ସ୍ଥାପନ ସମୟରେ ଜମିହରାଙ୍କୁ ନିଯୁକ୍ତି ମିଳିନି। ପ୍ରତିଶ୍ରୁତିର ଖିଲାପ କରାଯାଇଛି। ଆର.ପି. ସାହୁ ଖଣିରେ ଛଟେଇ ହୋଇଥିବା ୧୭୦ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, କମାରଯୋଡାସ୍ଥିତ ଏସଜିଏସ ସାମ୍ପଲିଙ୍ଗ୍ ଅଫିସ୍ ଗୃହକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ବିଲେଇପଦା-ମୃଗା ରାସ୍ତାର ଜମିହରାଙ୍କୁ କ୍ଷତି ପୂରଣ ପାଇଁ ଦେଓଝର ସରପଞ୍ଚ ମଙ୍ଗଲ ମୁଣ୍ଡା ଓ ସମିତି ସଭ୍ୟ ଯୁଧିଷ୍ଠିର ପଲେଇ ଅଭିଯୋଗ କରିଥିଲେ। ଜଜାଙ୍ଗ ପଞ୍ଚାୟତ ଜରିବାହାଳ ପ୍ରେମ୍ ବସ୍ତିଠାରେ ପାନୀୟ ଜଳପ୍ରକଳ୍ପ ନିର୍ମାଣ ପାଇଁ ଜଜାଙ୍ଗ ବିଜୁ ଯୁବବାହିନୀ ସଭାପତି ଶିବୁ ସର୍ମା କହିଥିଲେ।

# ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

**ପାଟଣା, ୨୧।୧(ସ୍ୱ.ପ୍ର.)**

ପାଟଣା ମଣ୍ଡଳସ୍ତରୀୟ ବାଲ ଜ୍ୟୋତି କାର୍ଯ୍ୟକ୍ରମ ମୁଖ୍ୟାଳୟସ୍ଥିତ ପାଟଣା ଉପ୍ରା ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଛି। ୭୦ ବିଦ୍ୟାଅଳୟର ପାଖାପାଖି ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଚନ୍ଦ୍ରକାନ୍ତ ମହାନ୍ତ, କର୍ମଚାରୀ ରମେଶ ଚନ୍ଦ୍ର ବେହେରା, କମଳା କାନ୍ତ ମିଶ୍ର ଓ ରମାକାନ୍ତ ନାଏକ ପ୍ରମୁଖ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସର୍ବଶିକ୍ଷା ଅଭିଯାନର ଏହି କାର୍ଯ୍ୟକ୍ରମକୁ ବିଆଟି ରଜନୀ ନାଏକ, ମୀନକେତନ ପାତ୍ର, କ୍ଲଷ୍ଟର ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ, ପ୍ରମୋଦ ମହାନ୍ତ ଓ ଶିକ୍ଷକ କ୍ଷେତ୍ରମୋହନ ମହାନ୍ତ, କମଳାକାନ୍ତ ପତି, ବୀରମୋହନ ଦ୍ୱେବେଦୀ, ସନ୍ତାଷ ନାଏକ ଓ ବିଭୀଷଣ ଦଳଦଶୀଆ ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱର୍ଣ୍ଣାକାର କାରିଗରଙ୍କୁ ମିଳିଲା ପରିଚୟ ପତ୍ର




ଆୟୋଜିତ ସମ୍ମିଳନୀରେ ଯୋଗ ଦେଇଥିବା ସ୍ୱର୍ଣ୍ଣାକାର କାରିଗର।

**କେନ୍ଦୁଝର, ୨୧।୧(ସ୍ୱ.ପ୍ର.)**

ସ୍ଥାନୀୟ ମା' ତାରିଣୀ ସ୍ୱର୍ଣ୍ଣାକର ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ମିଳନୀ ହଲଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ବହୁ ସ୍ୱର୍ଣ୍ଣାକାର କାରିଗର ଓ ବ୍ୟବସାୟୀ ଉପସ୍ଥିତ ଥିଲେ। ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଚିହ୍ନଟ କରାଯାଇଥିବା ୬୦ ଜଣ କାରିଗରଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଅନିଲ ସାହୁ, ରାଜେନ୍ଦ୍ର ସାହୁ, ଶୈଳେନ୍ଦ୍ର ସାହୁ, ସଞ୍ଜୟ ସାହୁ ସଭା ପରିଚାଳନା କରିଥିଲେ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଯୋଡ଼ା, ୨୧।୧(ଡି.ଏନ.ଏ.)**

ବଡବିଲ୍ ଆଇଟିଆଇ ୧୯୯୫-୯୭ ବ୍ୟାଜ୍ ଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରେମାଳ ଡ୍ୟାମ୍‌ଠାରେ ଆୟୋଜିତ ହୋଇଯାଇଛି। ପୁରାତନ ଛାତ୍ର ଆଶିଷ କୁମାର ବସାଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସହପାଠୀ ସମୂହ ଯୋଗଦେଇ ପୁରୁଣା ସ୍ମୃତିକୁ ମନ ପକାଇଥିଲେ। ଉତ୍ସବରେ ଯୋଜନାବଦ୍ଧ ଭାବେ ନିଜ କର୍ମମୟ ଜୀବନରୁ ସମୟ ବାହାର କରି ପ୍ରତ୍ୟେକ ବର୍ଷ ନୂତନ ଭାବେ କିଛି ଜନକଲ୍ୟାଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ପୁରାତନ ସହପାଠୀ ସମୁହ ନିଷ୍ପତ୍ତି ଗ୍ରହଣ କରିଥିଲେ। ଗିରିଜା ମହାପନ୍ତ, କ୍ଷୀରୋଦ ମହାନ୍ତି, ଅଲେଖ ବାରିକ, ବଳରାମ ଦାସ, ବିଜୟ ଦାସ, ଦିଲୀପ ମହାନ୍ତି, ଦେବଦତ ବଳ, ଜ୍ଞାନ ମହାନ୍ତି, ଅନନ୍ତ ସାହୁ, ତ୍ରିଲୋଚନ ବୈଦ୍ୟ, ସୂର୍ଯ୍ୟକାନ୍ତ ଗିରିଙ୍କ ସମେତ ୫୮ ବୈଷୟିକ ତାଲିମ ପ୍ରାପ୍ତ ସହପାଠୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ବନ୍ଧୁମିଳନରେ ପୁରାତନ ଛାତ୍ର।

# ଜମୁଛି ଶଙ୍ଖେଇଶୁଣି ମକର ମେଳା

- ମୁଖ୍ୟ ଆକର୍ଷଣ ମୀନା ବଜାର, ଦୋଳି
- ମନମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ଆନନ୍ଦପୁର, ୨୧।୧(ସ୍ୱ.ପ୍ର.)**



ଶଙ୍ଖେଇଶୁଣି ମକର ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଘସିପୁରା ବ୍ଲକ ଶାଳଦେଇ-ଓଡପଡା ମଧ୍ୟସ୍ଥଳ ବୈତରଣୀ କୂଳରେ ଅନୁଷ୍ଠିତ ଶଙ୍ଖେଇଶୁଣୀ ମକର ମେଳାରେ ଲୋକଙ୍କ ଭିଡ ଜମୁଛି। ମା' ଶଙ୍ଖେଇଶୁଣୀଙ୍କ ଏକାଦଶତମ ବାର୍ଷିକ ମକରମେଳା ୧୪ରୁ ଆରମ୍ଭ ହୋଇଥିବାବେଳେ ୨୭ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ହାଟଡିହୀ ବ୍ଲକର ସମଣା, କୋରେଇ ବ୍ଲକର କନ୍ତର, ପଛିକୋଟ, ଅସନଝର, ଘସିପୁରା ବ୍ଲକର ରାମଚନ୍ଦ୍ରପୁର, ତରୁଆଁ, ଶାଳଦେଇ, ବାତୋ ପଞ୍ଚାୟତର ଲୋକଙ୍କ ସମାଗମ ହୋଉଛି। ମେଳାରେ ବିଭିନ୍ନ କିସମର ଷ୍ଟଲ୍ ସାଙ୍ଗକୁ ଖାଦ୍ୟମେଳା, ଦୋଳୀ, ମୀନାବଜାର ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି।

ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଆନନ୍ଦପୁର ବିଣାପାଣି କଳାନିକେତନର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ କଳାକାର ଇତିଶ୍ରୀ ଓଝା, ମାହେଶ୍ୱରୀ ନାୟକ, ଦେବାଙ୍ଗ ସେନାପତି, ପଦ୍ମଜା ମିଶ୍ର, ରିତେଶ ଦାସ, ଲୀନୁ ମହାନ୍ତି ପ୍ରମୁଖ କଳାକାରଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ, ଝୁମର ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୋହୁଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ରାମଚନ୍ଦ୍ରପୁର ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ବାହିନୀ ମୁତୟନ ହୋଇଛନ୍ତି। ମେଳା କମିଟିର ସଭାପତି ଦୀପକ କୁମାର ପୃଷ୍ଟି, ଉପସଭାପତି ଭାଗ୍ୟ କମଳ ବୋଇତେଇ, ସମ୍ପାଦକ ଦିଲ୍ଲୀପ ସ୍ୱାଇଁ, ବିଜୟ ରାଉତ, ପ୍ରଶାନ୍ତ ବାରିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଉପଦେଷ୍ଟା, ଲୋକପ୍ରତିନିଧି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନାରେ ସହାୟତା କରୁଛନ୍ତି।